### ରାଜ୍ୟସଭାରେ ସାଂସଦ ମାନସଙ୍କ ପ୍ରଶ୍ନରେ ଉତ୍ତର

# ଓଡ଼ିଶାର ପଞ୍ଚାୟତିରାଜ ବ୍ୟବସ୍ଥାରେ ୫୭ ହଜାର ମହିଳା ପ୍ରତିନିଧି

ଭୁବନେଶ୍ୱର,୧୮ ।୩(ସମିସ): ଓଡ଼ିଶାରେ ବର୍ତ୍ତମାନ ୫୭ ହଜାର ୧ ଜଣ ମହିଳା ପଞ୍ଚାୟତିରାଜ ବ୍ୟବସ୍ଥାରେ ପ୍ରତିନିଧିତ୍ୱ କରୁଛନ୍ତି । ରାଜ୍ୟସଭାରେ ବିଜେଡି ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଏହି ତଥ୍ୟ ଦେଇଛନ୍ତି । ବୁଧବାର ସାଂସଦ ଶ୍ରୀ ମଙ୍ଗରାଜ ଏକ ଅଣତାରକା ପ୍ରଶ୍ନରେ ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାରେ କେତେଜଣ ମହିଳା ପ୍ରତିନିଧି ରହିଛନ୍ତି ଓ ଏମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଗତ ୩ ବର୍ଷ ମଧ୍ୟରେ ତାଲିମ ପାଇଁ ନିଆଯାଇଥିବା ପଦକ୍ଷେପ ସାଙ୍ଗକୁ ଓଡ଼ିଶାରେ ମହିଳା ସଦସ୍ୟଙ୍କ ପାଇଁ ବିଶେଷ ନେତୃତ୍ୱ ଏବଂ ଡିଜିଟାଲ୍ ତାଲିମ ମଡ୍ୟୁଲ୍ ପ୍ରଚଳନ କରିବାର କୌଣସି ପ୍ରସ୍ତାବ ରହିଛି କି ବୋଲି ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ । ଏହାସହିତ ପଞ୍ଚାୟତ କାର୍ଯ୍ୟକ୍ରମର ଯୋଜନା ଓ କାର୍ଯ୍ୟକାରିତାରେ ମହିଳାମାନଙ୍କର ଫଳପ୍ରଦ ଅଂଶଗ୍ରହଣ ସୁନିଶ୍ଚିତ କରିବା ପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଶ୍ରୀ ମଙ୍ଗରାଜ ପ୍ରଶ୍ନ କରିଥିଲେ ।



ଏହାର ଉତ୍ତରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି. କେନ୍ଦ୍ର ସରକାର 'ପୁନର୍ଗଠିତ ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ' ନାମରେ ଏକ ଯୋଜନା ପ୍ରଣୟନ କରିଛନ୍ତି । ଏହି ଯୋଜନାରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପଞ୍ଚାୟତ ଶାସନକୁ ସୁଧାରିବା ପାଇଁ, ନିର୍ବାଚିତ ପ୍ରତିନିଧିମାନଙ୍କ କ୍ଷମତା ଆଦି ବିଷୟରେ ପ୍ରଶିକ୍ଷିତ କରାଯାଉଛି । ଏହି ଯୋଜନା ଅଧୀନରେ ତିନି ବର୍ଷରେ ମୋଟ ୨୪,୧୨,୯୯୦ ଜଣ ମହିଳା ନିର୍ବାଚିତ ପ୍ରତିନିଧିଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ ଏଥିରେ ଓଡ଼ିଶାରୁ ୧,୨୨,୪୩୮ ଜଣ ମହିଳା ନିର୍ବାଚିତ ପ୍ରତିନିଧି ସାମିଲ ହୋଇଛନ୍ତି ।

ଏହାସହିତ ଓଡ଼ିଶା ସମେତ ୨୧ଟି ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ୫୦% ମହିଳାଙ୍କୁ ସଂରକ୍ଷଣ ଦିଆଯାଉଛି । ତୃଣମୂଳ ସ୍ତରରେ ଶାସନରେ ମହିଳାମାନଙ୍କର ଅଂଶଗ୍ରହଣକୁ ଶକ୍ତିଶାଳୀ କରିବା ପାଇଁ, ପଞ୍ଚାୟତିରାଜ ମନ୍ତ୍ରାଳୟ ପକ୍ଷରୁ ଗ୍ରାମ ସଭା ପୂର୍ବରୁ ମହିଳା ସଭା ଆୟୋଜନ କରିବାକୁ ପରାମର୍ଶ ଦିଆଯାଉଛି । ଏହି ପ୍ରକ୍ରିୟା ମହିଳାମାନଙ୍କର ଅଧିକ ସହଭାଗିତାକୁ ଉତ୍ସାହିତ କରୁଛି ବୋଲି ମନ୍ତ୍ରୀ ଉତ୍ତର ଦେଇଛନ୍ତି ।

### ବହଳଦାରେ ଆଦିବାସୀ ନାବାଳିକାଙ୍କୁ ଅସଦାଚରଣ

# ପୁଲିସର ନିଷ୍କ୍ରିୟତାକୁ ନେଇ ପ୍ରଶ୍ନ ଉଠାଇଲା ବିଜେଡି

ଭୁବନେଶ୍ୱର, ୧୮।୩ (ସମିସ): ମୟୂରଭଞ୍ଜ ଜିଲ୍ଲାର ବହଳଦାରେ ୧୪ ବର୍ଷୀୟା ଜଣେ ଆଦିବାସୀ ନାବାଳିକାଙ୍କ ସହ ହୋଇଥିବା ଅସଦାଚରଣ ଘଟଣାରେ ପୁଲିସର ନିଷ୍କ୍ରିୟତାକୁ ନେଇ ତୀବ୍ର ନିନ୍ଦା କରିଛି ବିଜେଡି । ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୟୂରଭଞ୍ଜ-୨ ସଂଗଠନ ଜିଲ୍ଲାର ସଭାପତି ଡ. ଦେବାଶିଷ ମାରାଣ୍ଡି ଓ ଦଳର ଗଣମାଧ୍ୟମ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ଓଡ଼ିଶାରେ ଆଦିବାସୀ ମହିଳାଙ୍କ ଉପରେ ବୃଦ୍ଧି ପାଉଥିବା ଅତ୍ୟାଚାରକୁ ନେଇ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି ।

ଡ. ମାରାଣ୍ଡି କହିଥିଲେ ଯେ ବିଜୁ ଜନତା ଦଳ ସଦାସର୍ବଦା ଆଦିବାସୀ ସମୁଦାୟର ଅଧିକାର, ମର୍ଯ୍ୟାଦା ଓ ସୁରକ୍ଷା ପାଇଁ କାର୍ଯ୍ୟ କରିଆସୁଛି । ଓଡ଼ିଶାରେ ବିଜେପି ସରକାର ଆସିବା ପରଠାରୁ ଆଦିବାସୀ ମହିଳାଙ୍କ ବିରୋଧରେ ଅପରାଧ ମାମଲା ଚିନ୍ତାଜନକ ଭାବେ ବୃଦ୍ଧି ପାଉଛି । ଗତ ୧୨ ମାର୍ଚ୍ଚ ୨୦୨୬ରେ ଟିରିଂ ଥାନା ଅଧୀନ ବହଳଦା ଛକ ନିକଟରେ ଜଣେ ୧୪ ବର୍ଷୀୟା ନାବାଳିକାଙ୍କ ସହ ହୋଇଥିବା ଅସଦାଚରଣ ଘଟଣାକୁ ନେଇ ଏକ ଅପ୍ରୀତିକର ଘଟଣା ଘଟିଥିଲା । ଅସଦାଚରଣ ଘଟାଇଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ସ୍ଥାନୀୟ ଲୋକମାନେ ଥାନା ଘେରାଉ କରି ପ୍ରତିବାଦ କରୁଥିବା ବେଳେ ସାଧାରଣ ଜନତାଙ୍କ ଉପରେ ବର୍ବରୋଚିତ ଭାବେ ପୁଲିସ ଆକ୍ରମଣ କରିଥିଲା । ଅଭିଯୁକ୍ତ ବିରୋଧରେ ତୁରନ୍ତ



କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ, ପୁଲିସ ପ୍ରତିବାଦକାରୀଙ୍କ ଉପରେ ଆକ୍ରମଣ କରିବା ନିନ୍ଦନୀୟ । ଏହି ଘଟଣାକୁ ନେଇ ବିଜେଡି ମିଳିତ ଆଦିବାସୀ ମଞ୍ଚ ଦ୍ୱାରା ଚାଲୁଥିବା ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଜଣାଇଛି । ଆଗାମୀ ଦିନରେ ନ୍ୟାୟ ପାଇଁ ମିଳିତ ଆଦିବାସୀ ମଞ୍ଚ ଯେକୌଣସି ନିଷ୍ପତ୍ତି ନେବ, ତାହାକୁ ବିଜେଡି ପୂର୍ଣ୍ଣ ସମର୍ଥନ ଜଣାଇବ । ଡ. ପ୍ରିୟବ୍ରତ ମାଝୀ କହିଥିଲେ ଯେ ପୁଲିସର ନିଷ୍କ୍ରିୟତାକୁ ଆମେ ଦୃଢ଼ ଭାବେ ନିନ୍ଦା କରୁଛୁ । ବିଶେଷକରି ୧୪ ବର୍ଷୀୟା ଆଦିବାସୀ ବାଳିକାଙ୍କ ସହ ହୋଇଥିବା ଗୁରୁତର ଅପରାଧ ମାମଲାରେ ପୁଲିସର ବ୍ୟାପକ ଅବହେଳା ପାଇଁ ସାଧାରଣ ଜନତାଙ୍କ ଭରସା ପୁଲିସ ଉପରୁ ଉଠିଯାଉଛି । ବିଜେଡି ପୂର୍ବରୁ ଏସଟି କମିଶନ ସମ୍ମୁଖରେ ରାୟଗଡ଼ା, ମୟୂରଭଞ୍ଜ,

**■ ବିଜେପି ସରକାରରେ ଆଦିବାସୀ ମହିଳା ଅସୁରକ୍ଷିତ**
**■ ଅବହେଳା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ସରକାର**

କନ୍ଧମାଳ, କୋରାପୁଟ(ବୋରିଗୁମ୍ମା), ଲକ୍ଷ୍ମୀପୁର ଓ ସୁନ୍ଦରଗଡ଼ ଇତ୍ୟାଦି ଜିଲ୍ଲାରେ ଘଟିଥିବା ଏପରି ଲଜ୍ଜାଜନକ ଘଟଣା ସମ୍ପର୍କରେ ସୂଚନା ଦେଇଥିଲା । ଏହି ଘଟଣାରେ ଅବହେଳା କରିଥିବା ପୁଲିସ କର୍ମଚାରୀଙ୍କ ବିରୋଧରେ ତୁରନ୍ତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ବିଜୁ ଜନତା ଦଳ ଦାବି କରୁଛି । ଓଡ଼ିଶାରେ ଆଦିବାସୀ ମହିଳାଙ୍କ ସୁରକ୍ଷା, ମର୍ଯ୍ୟାଦା ଓ ନ୍ୟାୟ ପାଇଁ ଦଳ ସର୍ବଦା ଲଢ଼େଇ ଜାରି ରଖିବ ବୋଲି ଡ. ମାଝୀ କହିଥିଲେ ।

### କନ୍ଧମାଳରେ ଉତ୍ତ୍ୟକ୍ତ ଯୁବ ଓ ଛାତ୍ର ବିଜେଡି କର୍ମୀଙ୍କ ବିକ୍ଷୋଭ

# 'ଚକ୍ରମଣି ଚରମ ବିଶ୍ୱାସଘାତ କରିଛନ୍ତି'

ଫୁଲବାଣୀ/ଫିରିଙ୍ଗିଆ,୧୮ ।୩(ସମିସ): ରାଜ୍ୟସଭା ନିର୍ବାଚନରେ ଦଳ ବିରୋଧରେ କ୍ରସ୍ ଭୋଟିଂକୁ ନେଇ କନ୍ଧମାଳ ଜିଲ୍ଲା ରାଜନୀତିରେ ଆଜି ଏକ ବଡ଼ ଧରଣର ବିସ୍ଫୋରଣ ଦେଖିବାକୁ ମିଳିଛି । କ୍ରସ୍ ଭୋଟିଂ କରିଥିବା ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁରଙ୍କ ବିରୋଧରେ କନ୍ଧମାଳ ଜିଲ୍ଲା ବିଜୁ ଓ ଛାତ୍ର ଜନତା ଦଳ ପକ୍ଷରୁ ପ୍ରତିବାଦ ପ୍ରଦର୍ଶନ କରାଯାଇଥିଲା । ସ୍ଥାନୀୟ ବିଜୁ ଜନତା ଭବନ ସମ୍ମୁଖରେ ଶତାଧିକ ଉତ୍ତ୍ୟକ୍ତ ଯୁବ ଓ ଛାତ୍ର ବିଜେଡି କର୍ମୀ ଏକତ୍ର ହୋଇ ବିଧାୟକଙ୍କ ଦଳ ବିରୋଧୀ କାର୍ଯ୍ୟକୁ ଘୋର ନିନ୍ଦା କରିବା ସହ ତାଙ୍କର କୁଶପୁତ୍ତଳିକା ଦାହ କରିଥିଲେ । ଜିଲ୍ଲା ଯୁବ ଓ ଛାତ୍ର ସଂଗଠନର ସଭାପତି ସୁନିଲ ସେଠୀଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭ ସଭାରେ ବକ୍ତାମାନେ ଅଭିଯୋଗ କରିଛନ୍ତି ଯେ ଶ୍ରୀ କହଁର ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ




ଦଳୀୟ ଆଦର୍ଶକୁ ବଳି ପକାଇଛନ୍ତି ଏବଂ ରାଜ୍ୟସଭା ନିର୍ବାଚନରେ ବିରୋଧୀ ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରି ନିଜ ନିର୍ବାଚନମଣ୍ଡଳୀର ଜନସାଧାରଣ ଓ ଦଳର ଶୀର୍ଷ ନେତୃତ୍ୱ ପ୍ରତି ଚରମ ବିଶ୍ୱାସଘାତ କରିଛନ୍ତି । ବିକ୍ଷୋଭ ସମୟରେ କର୍ମୀ ନାରାବାଜି କରିବା ସହ ଟାୟାର ଜାଳି ରାସ୍ତାରେ ପ୍ରତିବାଦ କରିଥିଲେ । ଏହି ଘଟଣାରେ ଦଳୀୟ କର୍ମକର୍ତ୍ତା ଏକ ସ୍ୱରରେ ବିଧାୟକଙ୍କ ବିରୋଧରେ ତୁରନ୍ତ ଏବଂ ଦୃଷ୍ଟାନ୍ତମୂଳକ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳୀୟ ହାଇକମାଣ୍ଡଙ୍କ ନିକଟରେ ଦାବି କରିଥିଲେ । ଏପରି ହେଲେ ଭବିଷ୍ୟତରେ କୌଣସି ଜନପ୍ରତିନିଧି ଏଭଳି ଦଳ ବିରୋଧୀ କାର୍ଯ୍ୟ କରିବାକୁ ସାହସ କରିବେ ନାହିଁ ବୋଲି କୁହାଯାଇଛି ।

# ଦାଶରଥି ଗମାଙ୍ଗଙ୍କ କୁଶପୁତ୍ତଳିକା ଦାହ



ମୋହନା/ରାୟଗଡ଼,୧୮ ।୩(ସମିସ): ମୋହନା ବିଧାୟକ ଦାଶରଥି ଗମାଙ୍ଗ ଘୋଡ଼ା ବେପାରରେ ଲିପ୍ତ ରହି କଂଗ୍ରେସ ଦଳର ହୁଇପ୍‌କୁ ଖାତିର ନକରି ରାଜ୍ୟସଭା ନିର୍ବାଚନରେ କ୍ରସ୍‌ଭୋଟିଂ କରିଥିବାରୁ ମୋହନା ଓ ରାୟଗଡ଼ରେ କଂଗ୍ରେସ କର୍ମୀମାନେ ତାଙ୍କ କୁଶପୁତ୍ତଳିକା ଦାହ କରିବା ସହ ବର୍ଷିଛନ୍ତି ।

ରାୟଗଡ଼ ଖ୍ରୀଷ୍ଟିୟାନ ସାହି ଛକରେ ବ୍ଲକ୍ କଂଗ୍ରେସ ପକ୍ଷରୁ ବିଧାୟକଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରି ବିଭିନ୍ନ ପ୍ରକାରର ନାରାବାଜି ଦେଇ କୁଶପୁତ୍ତଳିକା ଦାହ କରାଯାଇଛି । ଅରୁଣ ମାଝୀ, ମୁନିୟମ ପାଣି, ଚଞ୍ଚଳ ମିଶାଲଙ୍କ ସମେତ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ପ୍ରତିବାଦ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବିଧାୟକଙ୍କ ଏପରି କାର୍ଯ୍ୟକୁ ନିନ୍ଦା କରିବା ସହ ମୋହନା ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଜନସାଧାରଣ ସହଜରେ ଏପରି ବିକ୍ରି ହୋଇଯିବାକୁ ଗ୍ରହଣ କରିବେ ନାହିଁ ବୋଲି କଂଗ୍ରେସ କର୍ମୀମାନେ କହିଛନ୍ତି । ଏ ନେଇ ବିଧାୟକ ଦାଶରଥି ଗମାଙ୍ଗ କହିଛନ୍ତି ଏଭଳି କାର୍ଯ୍ୟ ଦୁର୍ଭାଗ୍ୟଜନକ । ତାଙ୍କୁ ଦଳ ବହିଷ୍କାର କଲେ ମଧ୍ୟ ସେ କଂଗ୍ରେସ ଦଳରେ ରହି କାମ କରିବେ । କଂଗ୍ରେସ ପାଇଁ ସେ ବହୁତ କାର୍ଯ୍ୟ କରିଛନ୍ତି ।

# ବିନା ବିରୋଧୀରେ ୨ ବିଭାଗର ଖର୍ଚ୍ଚଦାବି ପାରିତ

ଭୁବନେଶ୍ୱର,୧୮ ।୩(ସମିସ): ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିଜେଡି ଅଡ଼ି ବସିଛି । ଗୃହରେ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଛନ୍ତି । ଏହି ଦାବି ଯୋଗୁଁ ଦୁଇ ଦିନ ହେବ ଗୃହ ସ୍ୱାଭାବିକ ହୋଇପାରୁ ନାହିଁ । ମାତ୍ର ଏହାରି ଭିତରେ ମଙ୍ଗଳବାର ଭଳି ବୁଧବାର ମଧ୍ୟ ବିରୋଧୀଙ୍କ ବିନା ଉପସ୍ଥିତିରେ ୨ ଟି ବିଭାଗର ଖର୍ଚ୍ଚଦାବି ପାରିତ ହୋଇଛି । ବୁଧବାର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗର ଖର୍ଚ୍ଚଦାବି ପାରିତ ହୋଇଛି । ଦ୍ୱିତୀୟାର୍ଦ୍ଧ ଅପରାହ୍ଣରେ ଗୃହ ଆରମ୍ଭ ପରେ ବିରୋଧୀ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ହୋହାଲ୍ଲା କରିଥିଲେ । ଏହି ସମୟରେ ଶାସକ ଦଳ ପକ୍ଷରୁ ପ୍ରତାପ ଚନ୍ଦ୍ର ନାୟକ ପଏଣ୍ଟ ଅଫ୍ ଅର୍ଡରରେ ବିଜୁ-ନବୀନ ଇନ୍‌ଷ୍ଟିରେସନାଲ ଟ୍ରଷ୍ଟ ବିଷୟରେ କହିଥିଲେ । ଏହାକୁ ନେଇ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଓ ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ ତୀବ୍ର ଆପତ୍ତି ଉଠାଇଥିଲେ । ଖର୍ଚ୍ଚ ଦାବି ଆଲୋଚନା ସମୟରେ କେଉଁ ଆଧାରରେ ଶାସକ ସଦସ୍ୟଙ୍କୁ ପଏଣ୍ଟ ଅଫ୍ ଅର୍ଡରରେ କହିବାକୁ ସୁଯୋଗ ଦିଆଗଲା, ତାକୁ ନେଇ ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଥିଲେ । ବଜେଟ୍ ଆଲୋଚନା ବେଳେ ଜଣେ ସଦସ୍ୟ ଶୂନ୍ୟକାଳ ଭଳି କହୁଛନ୍ତି । ଏମିତି କରି ଗୃହରେ ନୂଆ ପରମ୍ପରା ଆରମ୍ଭ କରାଯାଉଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଥିଲେ । ପରେ ସନ୍ତୋଷ ଖଟୁଆ ମଧ୍ୟ ଖର୍ଚ୍ଚଦାବି ଆଲୋଚନା ଉପରେ କହିବାକୁ ଉଠି ସମାନ ପ୍ରସଙ୍ଗରେ ବକ୍ତବ୍ୟ ଦେବାକୁ ବିରୋଧୀ ସଦସ୍ୟ ପ୍ରବଳ ବିରୋଧ କରିଥିଲେ । ଏହାପରେ ୪ ଟା ୨୬ରେ ବିରୋଧୀ ବିଜେଡି ଓ କଂଗ୍ରେସ କକ୍ଷ ତ୍ୟାଗ କରିବା ପରେ ଶାସକ ଦଳର ସଦସ୍ୟଙ୍କ ଆଲୋଚନା ଓ ମନ୍ତ୍ରୀଙ୍କ ଉତ୍ତର ପରେ ଦୁଇଟି ବିଭାଗର ଖର୍ଚ୍ଚଦାବି ପାରିତ ହୋଇଥିଲା ।

# ଜୁନ୍ ୩୦ ସୁଦ୍ଧା ସରିବ ଏମ୍‌ଏଲ୍‌ଏ ଆବାସିକ କମ୍ପ୍ଲେକ୍ସ

ଭୁବନେଶ୍ୱର,୧୮ ।୩(ସମିସ): ରାଜଧାନୀ ଭୁବନେଶ୍ୱରରେ ନିର୍ମାଣାଧୀନ ବିଧାୟକ ଆବାସିକ କମ୍ପ୍ଲେକ୍ସର କାମ ଜୁନ୍ ୩୦ ସୁଦ୍ଧା ଶେଷ ହେବ । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହାର କାର୍ଯ୍ୟ ଶେଷ କରିବାକୁ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି । ବୁଧବାର ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହି ପ୍ରକଳ୍ପ ଅଞ୍ଚଳ ଗସ୍ତ କରି ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସମ୍ପୂର୍ଣ୍ଣ ଅଞ୍ଚଳ ବୁଲି ଦେଖିବା ସହ ବାକିଥିବା କାର୍ଯ୍ୟକୁ ତ୍ୱରିତ ଗତିରେ ଆଗେଇ ନେବା ପାଇଁ ବରିଷ୍ଠ ଅଧିକାରୀ ଏବଂ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ ।

୬ଟି ଟାୱାରବିଶିଷ୍ଟ ଏହି ଆବାସିକ କମ୍ପ୍ଲେକ୍ସରେ ମୋଟ ୩୦୦ଟି ଫ୍ଲାଟ ରହିଛି । ସେଥିମଧ୍ୟରୁ ୧୦୫ଟି ଟାଇପ୍ ୭ ଫ୍ଲାଟ୍ ରହିଥିବାବେଳେ ୧୯୫ଟି ଟାଇପ୍ ୬ ଫ୍ଲାଟ୍‌ର ବ୍ୟବସ୍ଥା ରହିଛି । କମ୍ପ୍ଲେକ୍ସରେ ୧୩୦ଜଣ ବିଧାୟକ ଏବଂ ୧୭୦ ଜଣ ବରିଷ୍ଠ ଅଧିକାରୀ ରହିବା ଭଳି ବ୍ୟବସ୍ଥା ରହିବ । ଏଥିସହିତ ପରିସରରେ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଏବଂ ଭୂତଳ ଜଳ ସଂରକ୍ଷଣ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ରହିବା ସହ ପରିସରକୁ ସବୁଜ ବଳୟରେ ପରିଣତ କରବା ପାଇଁ ବଡ଼ ବଡ଼ ଉପାଦେୟ ଗଛ ଲଗାଯିବ । ସେହିଭଳି ଅତିଥିମାନଙ୍କ ପାଇଁ ୫୦ କୋଠରିବିଶିଷ୍ଟ ଏକ କ୍ଲବ୍ ହାଉସ୍ ନିର୍ମାଣ ନେଇ ଆଲୋଚନା ହୋଇଥିଲା ।



ଏହି ବୈଠକରେ ବିଧାୟକ ବାବୁ ସିଂ, ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଅନୁପମ୍ ସାହାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ, ମୁଖ୍ୟଯନ୍ତ୍ରୀ ଏବଂ ଠିକା ସଂସ୍ଥାର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଭେଟନଇ ଗାଁରେ କଙ୍ଗାରୁ କୋର୍ଟ

# ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମା', ପୁଅଙ୍କୁ ମାଡ଼; ୪ ଗିରଫ

ଆସିକା, ୧୮ ।୩(ସମିସ): ଆସିକା କୋଟିନଡ଼ା ଥାନା ଇଲାକା ଭେଟନଇ ଗ୍ରାମରେ ଗତ ୧୭ ତାରିଖରେ ବିଦ୍ୟୁତ୍ ଖୁଣ୍ଟରେ ମହିଳା ଓ ତାଙ୍କ ପୁଅ ଏବଂ ପୁଅର ଦୁଇ ସାଙ୍ଗଙ୍କୁ ବାନ୍ଧି ମାଡ଼ ମରାଯାଇଥିଲା । ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରିଛି ପୁଲିସ । ଭେଟନଇ ଗ୍ରାମର ପୁଷ୍ପାଞ୍ଜଳି ସେଠୀଙ୍କ ଘରେ ପୁଅ ତାପସ ସେଠିଙ୍କ ଦୁଇ ସାଙ୍ଗ ତଥା ବଡଖୋଲିର ବୁଲୁ ପ୍ରଧାନ ଓ କେଶରା ପଲ୍ଲୀର ସଞ୍ଜୟ ପ୍ରଧାନ କୌଣସି କାରଣରୁ ଗତ ୧୫ ତାରିଖ ରାତିରେ ରହିଥିଲେ । ଗତ ସୋମବାର ଦିନ ସକାଳେ ସେହି ଗ୍ରାମର ଶଙ୍କର ସେଠୀ, ସନ୍ତୋଷ ସେଠୀ, ସୁଶାନ୍ତ ସେଠୀ, ଏବଂ ନରେଶ ସେଠୀ ଏବଂ ଅନ୍ୟମାନେ



ମିଶି ତାପସ ଓ ତାଙ୍କ ମା'ଙ୍କୁ ତାଗିଦ୍ କରିବା ସହ ବାହାର ଗାଁ ପିଲା କାହିଁକି ତମ ଘରେ ଥିଲେ ବୋଲି କହିଥିଲେ । ଏହାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା । ପରେ ଗ୍ରାମବାସୀ ମା' ପୁଅ ଓ ଦୁଇ ସାଙ୍ଗଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ । ଘଟଣାର ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଘୂରି ବୁଲିଥିଲା । ପରେ ଏନେଇ ପୁଷ୍ପାଞ୍ଜଳି କୋଟିନଡ଼ା ଥାନାରେ ଅଭିଯୋଗ କରିଥିଲେ । ପୁଲିସ ତଦନ୍ତ କରି ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ଦାମୋଦର ବିହାରୀ କହିଛନ୍ତି । ଏଥିସହ ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରାଯିବା ବୋଲି ପ୍ରକାଶ କରିଛନ୍ତି । ଘଟଣାକୁ ଭେଟନଇ ସରପଞ୍ଚ ପ୍ରତିନିଧି ଟୁଲୁ ଜେନା ନିନ୍ଦା କରିଛନ୍ତି ।

# ପ୍ରୀତମ ପଣ୍ଡାଙ୍କ ପି.ଏଚ୍.ଡି ଲାଭ



ବାରିପଦାର ଶ୍ରୀ ପ୍ରୀତମ ପଣ୍ଡା , ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ବାଇଗଣବାଡିଆର ବି.ବି.କଲେଜ, ବାଣିଜ୍ୟ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ସନ୍ଦୀପ କୁମାର ପଟ୍ଟନାୟକ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର( ବିଜନେସ୍ ଆଡମିନିଷ୍ଟ୍ରେସନ) ବିଭାଗ ର ମୁଖ୍ୟ ଡ଼. ସୀତାରାମ ଦାସଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । । ଶ୍ରୀ ପ୍ରୀତମ ପଣ୍ଡାଙ୍କ ସନ୍ଦର୍ଭ "SELF-HELP-GROUPS as a strategy of poverty alleviation : A Study on Mayurbhanj District in Odisha" ଉଚ୍ଚପ୍ରଶଂସିତ ହୋଇଛି । ସେ ବାରିପଦା ସହରର ଶ୍ରୀମତୀ ଅଞ୍ଜଳୀ ପଣ୍ଡା ଏବଂ ଶ୍ରୀ ଲକ୍ଷ୍ମୀକାନ୍ତ ପଣ୍ଡା ଙ୍କ କନିଷ୍ଠ ପୁତ୍ର ଅଟନ୍ତି । ତାଙ୍କର ପତ୍ନୀ ଜୟଶ୍ରୀ ମିଶ୍ର ଓ କନ୍ୟା ପି.ପ୍ରାଣଭୀ ପ୍ରିୟାନଶୀ ମଧ୍ୟ ଖୁସି ବ୍ୟକ୍ତ କରିଛନ୍ତି । ତାଙ୍କର ଏହି ସଫଳତା ପାଇଁ ସେ ତାଙ୍କୁ ସହଯୋଗ କରିଥିବା ପ୍ରତେକ ବ୍ୟକ୍ତିବିଶେଷଙ୍କୁ କୃତଜ୍ଞତା ଜଣାଇଛନ୍ତି ।

### ମେଡିକାଲ ଅଫିସର ନିଯୁକ୍ତି ମାମଲା

# ଅନ୍ତରୀଣ ଆଦେଶ ହଟାଇଲେ ହାଇକୋର୍ଟ

କଟକ,୧୮ ।୩(ସମିସ): ରାଜ୍ୟରେ ଡାକ୍ତର (ମେଡିକାଲ ଅଫିସର) ନିଯୁକ୍ତି ପ୍ରକ୍ରିୟାକୁ ନେଇ ରୁଜୁ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ । ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ୨୦୨୪-୨୫ ବିଜ୍ଞାପନ ଅନୁସାରେ ନିଯୁକ୍ତି ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ପାଇଁ ହାଇକୋର୍ଟ ଅନୁମତି ଦେଇଛନ୍ତି । ଡା. ଅରବିନ୍ଦ ପଣ୍ଡା ଓ ଅନ୍ୟ ମାନଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି । ୪୧୧ ଜଣ ଅଣସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କ ସହିତ ସମାନ ଅନୁପାତରେ ୪୧୧ ଜଣ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କ ନାମ ସୁପାରିସ କରିବାକୁ ଓପିଏସସିକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ବହୁ ପଦ ପୂର୍ବ ବର୍ଷର ବ୍ୟାକଲଗ୍ ହୋଇଥିବାରୁ ସଂରକ୍ଷିତ ପଦବୀ ସଂଖ୍ୟା ଅଧିକ ରହିଛି, ଯାହା ସମ୍ବିଧାନର ଧାରା ୧୬(୪-ବି) ଅନୁଯାୟୀ ବୈଧ । ଏଣୁ ବ୍ୟାକଲଗ୍ (ପୂର୍ବରୁ ପୂରଣ ହୋଇପାରି ନଥିବା) ପଦଗୁଡ଼ିକୁ ସାଧାରଣ ବର୍ଗ ପାଇଁ ଉନ୍ମୁକ୍ତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି । ଡାକ୍ତର ଅଭାବ ଜନିତ ସ୍ଥିତିକୁ ଦୃଷ୍ଟିରେ ରଖି କୋର୍ଟ ୪୧୧ ଜଣ ସାଧାରଣ ବର୍ଗର ପ୍ରାର୍ଥୀ ଏବଂ ସମାନ ସଂଖ୍ୟକ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ନିଯୁକ୍ତି ପାଇଁ ସୁପାରିସ କରିବାକୁ ଅନୁମତି ପ୍ରଦାନ କରିଛନ୍ତି । ମାମଲାରୁ ପ୍ରକାଶ ଯେ ଓଡ଼ିଶା ମେଡିକାଲ ଏବଂ ହେଲ୍ଥ ସର୍ଭିସ କ୍ୟାଡରରେ ୫୨୪୮ଟି ମେଡିକାଲ ଅଫିସର (ଆସିଷ୍ଟାଣ୍ଟ ସର୍ଜନ) ପଦ ପାଇଁ ଓପିଏସସି ପକ୍ଷରୁ ବିଜ୍ଞାପନ ପ୍ରକାଶ ପାଇଥିଲା । ଏଥିରେ ମାତ୍ର ୪୧୧ଟି ପଦ ଅଣସଂରକ୍ଷିତ ବର୍ଗ ପାଇଁ ଥିବାବେଳେ ବାକି ପଦଗୁଡ଼ିକ ଏସସି, ଏସଟି ଏବଂ ଏସଇବିସି ବର୍ଗ ପାଇଁ ସଂରକ୍ଷିତ ରଖାଯାଇଥିଲା । ଏହା ସଂରକ୍ଷଣର ୫୦% ସୀମାକୁ ଉଲ୍ଲଙ୍ଘନ କରୁଥିବା ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

**ସମାନ ଅନୁପାତରେ ଅସଂରକ୍ଷିତ ଓ ସଂରକ୍ଷିତ ପ୍ରାର୍ଥୀଙ୍କ ନାମ ସୁପାରିସ୍ ପାଇଁ ଓପିଏସ୍‌ସିକୁ ନିର୍ଦ୍ଦେଶ**

ଆବେଦନକାରୀ ଯୁକ୍ତି ବାଢ଼ିଥିଲେ ଯେ ୩ବର୍ଷ ଧରି ପୂରଣ ନହୋଇ ପାରି ଖାଲି ପଡ଼ିଥିବା ସଂରକ୍ଷିତ ବର୍ଗର ବ୍ୟାକଲଗ୍ ପଦଗୁଡ଼ିକୁ ସାଧାରଣ ବର୍ଗର ପ୍ରାର୍ଥୀଙ୍କ ଦ୍ୱାରା ପୂରଣ କରାଯାଉ । ଗତ ୨୦୨୫ ମେ୧୫ରେ ଏହି ନିଯୁକ୍ତି ପ୍ରକ୍ରିୟା ଜାରି ରହିବ ହେଲେ ଅଦାଲତଙ୍କ ଅନୁମତି ବିନା ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବା ଉପରେ ହାଇକୋର୍ଟ ଅନ୍ତରୀଣ ରୋକ ଲଗାଇଥିଲେ । ଏହି ଅନ୍ତରୀଣ ଆଦେଶକୁ ହଟାଇବା ସହ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ ।

# ୪ ଲେନ୍ ରାସ୍ତା ସମ୍ପ୍ରସାରଣ ବିରୋଧରେ ଦାୟର ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଖାରଜ

କଟକ,୧୮ ।୩(ସମିସ): ଇନଷ୍ଟିଚ୍ୟୁଟ ଅଫ ମାଥମେଟିକ୍ସ ନିକଟରୁ ଭାୟା ଇନଫୋସିଟି ଦେଇ ଏକାମ୍ରକାନନ ପର୍ଯ୍ୟନ୍ତ ୨୦୦ମିଟର ଓସାରର ଚାରିଲେନ ରାସ୍ତା ଖୋର୍ଦ୍ଧା ଜିଲ୍ଲାର ଆନ୍ଧାରୁଆ ଅଞ୍ଚଳରେ ଯିବାକୁ ବିରୋଧ କରି ଦାୟର ହୋଇଥିବା ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି । ଅଦାଲତ କହିଛନ୍ତି ଯେ ବୃହତ ଜନସ୍ୱାର୍ଥ ପାଇଁ ହେଉଥିବା ରାସ୍ତା ସମ୍ପ୍ରସାରଣ କାର୍ଯ୍ୟକୁ କିଛି ଜବରଦଖଲକାରୀଙ୍କ ସ୍ୱାର୍ଥ ପାଇଁ ବନ୍ଦ କରାଯାଇପାରିବ ନାହିଁ । ରାସ୍ତା ସୁରକ୍ଷା ଓ ସହରର ବିସ୍ତାର ପାଇଁ ଏହି ପ୍ରକଳ୍ପ ଅତ୍ୟନ୍ତ ଜରୁରୀ ବୋଲି ହାଇକୋର୍ଟ କହିଛନ୍ତି । ବସନ୍ତ ଦିଗି ଓ ଅନ୍ୟମାନଙ୍କ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ସୁପ୍ରିମକୋର୍ଟଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମାବଳୀ ଅନୁଯାୟୀ ଜବରଦଖଲ ହଟାଇ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି । ଅଦାଲତ ଏହି ମାମଲାରେ ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ତଥ୍ୟ ଗୋପନକୁ ନେଇ କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି । ଆବେଦନକାରୀମାନେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୁଚାଇ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ । ସେମାନଙ୍କ ମଧ୍ୟରୁ କିଛି ବ୍ୟକ୍ତି ପୂର୍ବରୁ ସିଭିଲ୍ କୋର୍ଟରେ 'ଜବରଦଖଲକାରୀ' ଭାବେ ପ୍ରମାଣିତ ହୋଇସାରିଛନ୍ତି ଏବଂ ସେମାନଙ୍କ ବିରୋଧରେ ୨୦୧୮ ମସିହାରୁ ଉଚ୍ଛେଦ ନିର୍ଦ୍ଦେଶ ରହିଛି ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା ।



### ପୁବଂଶ ସେତୁ ଶିଳାନ୍ୟାସକୁ ନେଇ ଆରୋପ ପ୍ରତ୍ୟାରୋପ

# ପୁରୁଣା ପ୍ରକଳ୍ପରେ ନୂଆ ଫଳକ

ନିଶ୍ଚିନ୍ତକୋଇଲି, ୧୮।୩(ସମିସ)



- ବିଧାୟକଙ୍କ ସ୍ୱାର୍ଥ ରହିଥିବା ନେଇ ବିଜେଡିର ଅଭିଯୋଗ
- ଶ୍ରେୟ ନେବାକୁ ବିଜେପିର ପ୍ରୟାସ
- ପିସି କାରବାର ପାଇଁ କାମ ବନ୍ଦ କରାଯାଇଥିଲା

ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତ ପୁବଂଶଠାରେ ଲୁଣା ନଦୀ ଉପରେ ନିର୍ମାଣ ହେବାକୁ ଥିବା ସେତୁକୁ ନେଇ ବିଜେଡି ଓ ବିଜେପି ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି। ବିଜେଡିର ଅଭିଯୋଗ ଅନୁଯାୟୀ, ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ସମୟରେ ଏହି ସେତୁର ଶିଳାନ୍ୟାସ ହୋଇ କାମ ଆରମ୍ଭ ହୋଇଥିଲା। ମାତ୍ର ରାଜ୍ୟରେ ସରକାର ବଦଳିବା ପରେ ବର୍ତ୍ତମାନର ବିଧାୟକ ନିଜର ଆତ୍ମବଡ଼ିମା ଓ ସ୍ୱେଚ୍ଛାଚାରିତା ପ୍ରଦର୍ଶନ କରି କାମକୁ ଦୁଇ ବର୍ଷ ପର୍ଯ୍ୟନ୍ତ ବନ୍ଦ କରି ରଖିଥିଲେ। ଏବେ ପୁନର୍ବାର ସେହି ସମାନ ସ୍ଥାନ ଓ ସମାନ ଠିକାଦାରଙ୍କ ଜରିଆରେ ନୂଆ ଫଳକ ଲଗାଇ କାର୍ଯ୍ୟ ଆରମ୍ଭ କରାଯିବାକୁ ବିଜେଡି ସମାଲୋଚନା କରିଛି। ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି ସଭାପତି ଜ୍ୟୋତି ପ୍ରକାଶ ସ୍ୱାଇଁ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଯେ, କେବଳ ଠିକାଦାରଙ୍କଠାରୁ ଅଧିକ ପିସି ନେବା ଆଶାରେ ବିଧାୟକ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ଅଟକାଇ ରଖିଥିଲେ। ଏକା ସମୟରେ ଶିଳାନ୍ୟାସ ହୋଇଥିବା ନଇଗୁଆଁ ସେତୁ କାର୍ଯ୍ୟ ଶେଷ ହୋଇଥିବା ବେଳେ ପୁବଂଶ ସେତୁ କାର୍ଯ୍ୟକୁ କାହିଁକି ବନ୍ଦ କରାଯାଇଥିଲା, ସେନେଇ ସେ ପ୍ରଶ୍ନ ଉଠାଇଛନ୍ତି। ବିଧାୟକଙ୍କ ଏଭଳି ମନମୁଖୀ କାର୍ଯ୍ୟଯୋଗୁଁ ମାହାଙ୍ଗାର ବିକାଶ ବାଧାପ୍ରାପ୍ତ ହେଉଛି ଏବଂ ସେ ଅଞ୍ଚଳବାସୀଙ୍କୁ ଧୋକା ଦେଇଛନ୍ତି ବୋଲି ବିଜେଡି କହିଛି। ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ନେତୃତ୍ୱରେ ତରତ ହନୁମାନ ଛକଠାରେ ହଜାର ହଜାର ଦ୍ୱୀପାଞ୍ଚଳବାସୀଙ୍କୁ ନେଇ କରାଯାଇଥିବା ଅନଶନ ଯୋଗୁଁ ପ୍ରଶାସନ ବାଧ ହୋଇ ପୁନର୍ବାର ସେତୁ କାର୍ଯ୍ୟ ଆରମ୍ଭ କରିଛି ବୋଲି ଦଳ ଦାବି କରିଛି। କଟିକଟା-ଜୟପୁର ଓ ନିଶ୍ଚିନ୍ତକୋଇଲି-ନରେନ୍ଦ୍ରପୁର ରାସ୍ତା ନିର୍ମାଣରେ ମଧ୍ୟ କୋଟି କୋଟି ଟଙ୍କାର ଅନିୟମିତତା ହୋଇଥିବା ବିଜେଡି ଅଭିଯୋଗ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ଜୋନ ସଭାପତି ଅନୀଲ ଭୂୟାଁ, ମନୋଜ ବେହେରା, ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ ଓ ଭୂପତି ଭୂଷଣ ଷଣ୍ଢଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ରହି ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

### ● ୧୩୧ କୋଟି ଟଙ୍କାରେ ୩ ପ୍ରକଳ୍ପର ଶିଳାନ୍ୟାସ

# ରାଜ୍ୟ ରାଜପଥକୁ ଚାରିଧାଡ଼ିଆ କରାଯିବ




ନିଶ୍ଚିନ୍ତକୋଇଲି, ୧୮।୩(ସମିସ): ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ଆଜି ଏକ ବଡ଼ ପଦକ୍ଷେପ ନିଆଯାଇଛି। ରାଜ୍ୟ ପୂର୍ତ୍ତ ବିଭାଗର ପ୍ରାୟ ୧୩୧ କୋଟି ୨୯ ଲକ୍ଷ ଟଙ୍କା ଅନୁଦାନରେ ତିନୋଟି ପ୍ରମୁଖ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ଲୁଣା ନଦୀ ଉପରେ ୬୬ କୋଟି ଟଙ୍କା ବ୍ୟୟରେ ଏକ ହାଇଲେବୁଲ ସେତୁ ନିର୍ମାଣ କରାଯିବ, ଯାହା କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାକୁ ସଂଯୋଗ କରିବ। ଏଥିସହ ନିଶ୍ଚିନ୍ତକୋଇଲି ଥାନା ଛକରୁ ନରେନ୍ଦ୍ରପୁର ଏବଂ କଟିକଟା ଛକରୁ ନରେନ୍ଦ୍ରପୁର ପର୍ଯ୍ୟନ୍ତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ପାଇଁ ଶିଳାନ୍ୟାସ କରାଯାଇଛି। ଅନ୍ୟପଟେ, କୁଳିଆସ୍ଥିତ କେନ୍ଦୁପାଟଣା ଆରଏମସି (ଜଗଉ) ପରିସରରେ ଚାଷୀଙ୍କ ସୁବିଧା ପାଇଁ ଖୁବଶୀଘ୍ର ଏକ ଶୀତଳ ଭଣ୍ଡାର ନିର୍ମାଣ କରାଯିବା ନେଇ ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଚାଷୀମାନଙ୍କୁ ଅର୍ଥକାରୀ ଫସଲ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିବା ବେଳେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଜଗତପୁର-ଚାନ୍ଦବାଲି ରାଜ୍ୟ ରାଜପଥକୁ ଖୁବଶୀଘ୍ର ୪-ଲେନ୍ ବିଶିଷ୍ଟ କରାଯିବା ନେଇ ଘୋଷଣା କରିଥିଲେ। ସଭାରେ କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଏବଂ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ଥିଲେ।

## ନବୋଦୟ ପ୍ରବେଶିକାରେ ଦୁଇ ଛାତ୍ରୀଙ୍କୁ ସଫଳତା

ବଡମ୍ବା, ୧୮।୩(ସମିସ): ବଡମ୍ବା ବ୍ଲକ ଶିକ୍ଷା ମଣ୍ଡଳ ଅଧୀନ ଓଡ଼ିଶା ବ୍ରିଗେଡ୍ ସୈନିକ ସ୍କୁଲ ରତାପାଟର ଦୁଇ ଛାତ୍ରୀ ଶ୍ରଦ୍ଧାଞ୍ଜଳି ନାୟକ ଏବଂ ଶର୍ମିଷ୍ଠା ଦାସ ସଦ୍ୟ ପ୍ରକାଶିତ ନବୋଦୟ ପ୍ରବେଶିକା ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ହୋଇଛନ୍ତି। ଗତ ଡିସେମ୍ବର ୨୦୨୫ରେ ଅନୁଷ୍ଠିତ ପରୀକ୍ଷାର ଫଳ ଆଜି ପ୍ରକାଶିତ ହୋଇଛି। ଛାତ୍ରୀ ଶ୍ରଦ୍ଧାଞ୍ଜଳି ନାୟକ ୯୨ ପ୍ରତିଶତ ମାର୍କ ରଖି ୩୫ ରାଙ୍କରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଶର୍ମିଷ୍ଠା ଦାସ ୯୦ ପ୍ରତିଶତ ମାର୍କ ରଖି ୬୪ ରାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨ ଛାତ୍ରୀଙ୍କ ସଫଳତା ନେଇ ବଡମ୍ବା ଅଞ୍ଚଳର ବୁଦ୍ଧିଜୀବିମାନେ ଉଭୟ ଛାତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି।





## ମଦ ଜବତ; ୩ ବେପାରୀ ଗିରଫ

ସାଲେପୁର, ୧୮।୩(ସମିସ): ସାଲେପୁର ଅଞ୍ଚଳରେ ଚୋରା ନିଶା କାରବାରକୁ ରୋକିବାପାଇଁ ସାଲେପୁର ପୁଲିସ ପକ୍ଷରୁ ଚଢ଼ଉ ଜୋରଦାର ଆରମ୍ଭ ହୋଇଛି। ଦୁଇଦିନ ମଧ୍ୟରେ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୧୦୩ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଥିବାବେଳେ ୩ଜଣ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି। ସାଲେପୁର ଅଞ୍ଚଳରେ ଚୋରା ନିଶା କାରବାରକୁ ରୋକିବାପାଇଁ ସାଲେପୁର ପୁଲିସ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯିବା ସହ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ଜୋରଦାର ଚଢ଼ଉ କରାଯାଉଛି। ଆଜି ସାଲେପୁର ପୁଲିସ ପକ୍ଷରୁ ସାଲେପୁର ଥାନା ଅନ୍ତର୍ଗତ ୬ନଂ କେନାଲବନ୍ଧର ବାରିଗୋଳଠାରେ ଥିବା ଏକ ଚାଳିଆଘରେ ଚଢ଼ଉ କରାଯାଇ ପ୍ରାୟ ୫୦ ଲିଟର ଦେଶୀ ମଦ ଜବତ କରାଯାଇଥିବାବେଳେ ଚୋରା ମଦ ବ୍ୟବସାୟୀ କବିରାଜ ସାହାଣୀକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି। ସେହିପରି ଗତକାଲି ସାଲେପୁର ପୁଲିସ ପକ୍ଷରୁ ଖଣ୍ଡଗାଁରେ ଚଢ଼ଉ କରାଯାଇ ୨୩ ଲିଟର ବିଦେଶୀ ମଦ ଓ ୧୫ ଲିଟର ଦେଶୀ ମଦ ଜବତ କରାଯିବା ସହ ରବୀନ୍ଦ୍ର କୁମାର ବେହେରାଙ୍କୁ ଗିରଫ କରାଯାଇଥିବାବେଳେ ଉକ୍ତ ଦିନ ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ରହୁଥିବା ଝାଡ଼ଖଣ୍ଡ ରାଜ୍ୟର ନୱାଦା ଗ୍ରାମର ଧିରଜ କୁମାର ଏକ ସ୍କୁଟରରେ ୧୫ଲିଟର ଦେଶୀ ମଦ ଆଣି ସାଲେପୁର ଅଞ୍ଚଳର ଗ୍ରାମାଞ୍ଚଳକୁ ସପ୍ଲାଇ କରିବାକୁ ନେଉଥିବାବେଳେ ସାଲେପୁର ପୁଲିସ ତାକୁ ଧରିବା ସହ ତା'ନିକଟରୁ ୧୫ଲିଟର ଦେଶୀ ମଦ ଜବତ କରି ତାକୁ ଗିରଫ କରାଯାଇଥିବା ସାଲେପୁର ଆଇଆଇସି ମହେଶ୍ୱର ବେହେରା ପ୍ରକାଶ କରିଛନ୍ତି। ପୁଲିସ ପକ୍ଷରୁ ଏହି କିଛି ଦିନ ହେବ ସାଲେପୁର ଅଞ୍ଚଳରେ ନିଶା କାରବାରକୁ ରୋକିବା ପାଇଁ ଜୋରଦାର ଚଢ଼ଉ ଜାରି ରହିଥିବାବେଳେ ଚୋରା ନିଶା ବ୍ୟବସାୟୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

## ରୋଧପୁରରେ ଅଷ୍ଟପ୍ରହର ନାମଯଜ୍ଞ

ସାଲେପୁର, ୧୮।୩(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମୀନସଂକ୍ରାନ୍ତି ଅବସରରେ ରୋଧପୁର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରୋଧପୁର ଗ୍ରାମର ସାମଲସାହିଠାରେ ଅନୁଷ୍ଠିତ ଏହି ଅଷ୍ଟପ୍ରହର ନାମଯଜ୍ଞରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ହରିନାମ ଶ୍ରବଣ କରିବା ସହ ପ୍ରଭୁକୃପା ଲାଭ କରିଥିଲେ। ସନ୍ଧ୍ୟାରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମନୋରଞ୍ଜନ ସାମଲ, ସୁବଳ ସାମଲ, ବିନୋଦ ସାମଲ, ଗୌତମୀ ମଲ୍ଲିକ, ମନୋଜ ସାମଲ ସମେତ ରୋଧପୁର ଗ୍ରାମର ବହୁ ଗ୍ରାମବାସୀ ପରିଚାଳନା କରିଥିଲେ।

## ଶ୍ରମିକ ନେତା ବନମାଳି ଦାସଙ୍କ ଜୟନ୍ତୀ

ଚୌଦ୍ୱାର, ୧୮।୩(ସମିସ): ବିଶିଷ୍ଟ ଶ୍ରମିକ ନେତା, ଚୌଦ୍ୱାର ସାହିତ୍ୟ ସଂସଦ ପ୍ରାକ୍ତନ ସଭାପତି ସ୍ୱର୍ଗତ ବନମାଳି ଦାସଙ୍କ ୯୯ତମ ଜୟନ୍ତୀ ଚୌଦ୍ୱାରରେ ପାଳିତ ହୋଇଯାଇଛି। ସାହିତ୍ୟ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଓଟିଏମ୍ କଲୋନୀସ୍ଥିତ ବନମାଳି ଷ୍ଟୋର ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଆଇନଜୀବୀ ଆକାଶ ଭୂୟାଁ, ଜ୍ଞାନେନ୍ଦ୍ର ସ୍ୱାଇଁ, ଶରତ ଖୁଣ୍ଟିଆ, ମାନସ ରଞ୍ଜନ ସାମଲ, ବୈଷ୍ଣବ ଚରଣ ପ୍ରଧାନ ପ୍ରମୁଖ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କ କର୍ମମୟ ଜୀବନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। କୈଳାସ ଚନ୍ଦ୍ର ସାହାଣୀ, ଭାଗବତ ରାଉତ, ଅକ୍ଷୟ ମିଶ୍ର, ଅକ୍ଷୟ ଭୂୟାଁ, ଡା. ପିତାମ୍ବର ରାଉତରାୟ, ଗଙ୍ଗାଧର ସାହୁ, ସତ୍ୟବ୍ରତ ଦାସ, ବିଶ୍ୱଜିତ ଭଞ୍ଜ, ଆଶୁତୋଷ ଦାସ, ଭାସ୍କର ଚନ୍ଦ୍ର ରାଉତରାୟ, ମୋନାଲିସା ଦାସ, ଲକ୍ଷ୍ମୀପ୍ରିୟା ସାହୁ, ମାନସ ସାହୁ, ରମେଶଚନ୍ଦ୍ର ଭୂୟାଁ, ନରୋତ୍ତମ ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାହିତ୍ୟ ସଂସଦ ସମ୍ପାଦକ ଦିବ୍ୟଜ୍ୟୋତି ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଆଇନଜୀବୀ ସରିତା ଦାସ ଧନ୍ୟବାଦ ଦେଇଥିଲେ। ଚନ୍ଦ୍ରପ୍ରକାଶ ପଟ୍ଟନାୟକ, ଭାସ୍କର ମହାପାତ୍ର, ଶୁଭ୍ରାଂଶୁ ଭୂଷଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଚୌଦ୍ୱାରରେ ଲଉଡ଼ି ଉତ୍ସବ

ଚୌଦ୍ୱାର, ୧୮।୩(ସମିସ): ଚୌଦ୍ୱାର ଯାଦବ ମହାସଭା ଓ ସରଦେଇ ଯୁବକ ସଂଘ ମିଳିତ ଆନୁକୂଲ୍ୟରେ ଚୌଦ୍ୱାରରେ ଲଉଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସମ୍ପାଦକ ବିଷ୍ଣୁ ଚରଣ ନାୟକଙ୍କ ପରିଚାଳନାରେ ସରଦେଇ ଠାକୁରାଣୀଙ୍କ ପୀଠରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ମୋଟ ୭ଟି ଲଉଡ଼ି ଦଳ ଯୋଗଦେଇ ଚିତ୍ତାକର୍ଷକ ଲଉଡ଼ି ଓଗାଳ ଓ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକାରୀ ସଭାପତି ସୋରେନ୍ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଉତ୍କଳ ଯାଦବ ମହାସଭା କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ବେହେରା, ଶିକ୍ଷାବିତ୍ ଗଣେଶ ପ୍ରସାଦ ବେହେରା, ଯୁବ ଯାଦବ ସଭାପତି ପ୍ରଦୀପ ବେହେରା, ଅନନ୍ତ ଗୋପାଳ ଦାସ, ପ୍ରୀତିରଞ୍ଜନ କାଠୁଆ, କାଉନସିଲର ଅଜିନୀ ବେହେରା, ବିମଳ ବେଉରା, ଝୁଲେନ୍ଦ୍ର ନାୟକ, ଜୟନ୍ତ ବେହେରା, ସୁନୀଲ ସାହୁ, ନବଘନ ନାଟିଆ ପ୍ରମୁଖ ଅତିଥିଭାବେ ଯୋଗଦେଇ ଲୁପ୍ତପ୍ରାୟ ପାରମ୍ପରିକ ଲୋକ ନୃତ୍ୟ ଲଉଡ଼ି ଖେଳକୁ ବଞ୍ଚାଇ ରଖିବାରେ ସଂଗଠନର ପ୍ରୟାସକୁ ପ୍ରଶଂସା କରିଥିଲେ। ହରିହର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



## ଚୌଦ୍ୱାର କଲେଜର ମୁଖପତ୍ର 'ସୁଦେଷ୍ଣା' ଉନ୍ମୋଚିତ



ଚୌଦ୍ୱାର, ୧୮।୩(ସମିସ): ଚୌଦ୍ୱାର ମହାବିଦ୍ୟାଳୟର ମୁଖପତ୍ର 'ସୁଦେଷ୍ଣା'ର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ପୌରୋହିତ୍ୟରେ କଲେଜ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁପ୍ରତିଷ୍ଠିତ ସଙ୍ଗୀତ ନିର୍ଦ୍ଦେଶକ ତଥା କବି ମୋହିତ୍ ଚକ୍ରବର୍ତ୍ତୀ, ଅଧ୍ୟାପକ ପ୍ରସନ୍ନ ସ୍ୱାଇଁ, ଅମୀୟ ରଞ୍ଜନ ମହାନ୍ତି, ସ୍ୱର୍ଣ୍ଣପ୍ରଭା ରାଉତ, ପ୍ରାଧ୍ୟାପକ ପ୍ରଭାକର ମିଶ୍ର, ଡ. ପ୍ରଫୁଲ୍ଲ ସାହୁ, ଶିକ୍ଷାଶ୍ରୀ ମିଶ୍ର ପ୍ରମୁଖ ଯୋଗଦେଇ ମୁଖପତ୍ର ସୁଦେଷ୍ଣା ଉନ୍ମୋଚନ କରିବା ସହିତ ନବ ପ୍ରସ୍ତୁତ କ୍ୟାଲେଣ୍ଡରର ଉନ୍ମୋଚନ କରିଥିଲେ। ଅଧ୍ୟାପକ ଯୁକ୍ତେଶ୍ୱର ଦାସ, ସୁମନ୍ତ ସାହୁ, ସଂଗ୍ରାମ ବିହାରୀ, ଲକ୍ଷ୍ମଣ କରଣ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଧ୍ୟାପିକା ବନୀତା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଯୁବକଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର

ନିଶ୍ଚିନ୍ତକୋଇଲି, ୧୮।୩(ସମିସ): ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟରପଡ଼ା ପଞ୍ଚାୟତ ଗୌଡବିଶ ଗ୍ରାମର ଯୁବକ କରୁଣାକର ତରାଇ ତାଙ୍କ ଘର ନିକଟରେ ଏକ ବାଉଁଶ ବଣରେ ଥିବା ସାହାଡା ଗଛରେ ଗାମୁଛା ବେକରେ ବାନ୍ଧି ଝୁଲିପଡ଼ି ମୃତ୍ୟୁବରଣ କରିଛନ୍ତି। ବେକରେ ଗାମୁଛା ଲାଗି ସାହାଡା ଗଛ ଡାଳରେ ବନ୍ଧା ଯାଇଥିଲେ ମଧ୍ୟ ତାଙ୍କର ପାଦ ଦୁଇଟି ତଳେ ଲାଗିଥିବାରୁ ତାଙ୍କର ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ କରାଯାଇଛି। ପ୍ରକୃତରେ ସମ୍ପୃକ୍ତ ଯୁବକ ଜଣକ ଆତ୍ମହତ୍ୟା କରିଛନ୍ତି କିମ୍ବା ତାଙ୍କୁ କେହି ହତ୍ୟା କରି ଏଭଳି ଗଛରେ ଝୁଲାଇ ଦେଇଛି ସେ ନେଇ ଚର୍ଚ୍ଚା ଜୋର ଧରିଛି। ଏ ସଂକ୍ରାନ୍ତରେ ଖବର ପାଇ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଅନୀତା ସାହୁ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ଦ୍ୱାରା ମୃତ୍ୟୁର ଘଟଣାକୁ ତଦନ୍ତ କରିଛନ୍ତି। ଥାନାରେ ଅଭିଯୋଗ ହେବା ପରେ ଶବକୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ମେଡିକାଲକୁ ପଠାଯାଇଛି। ଏଠାରେ ସୂଚନାଯୋଗ୍ୟ, ମୃତ ଯୁବକ ରାଜମିସ୍ତ୍ରି ଭାବେ କାର୍ଯ୍ୟ କରନ୍ତି। ବିଭିନ୍ନ ସମୟରେ ନିଶା ସେବନ କରି ଘରକୁ ଆସୁଥିବାରୁ ପରିବାରରେ ଅଶାନ୍ତି ଲାଗି ରହିଥିଲା। ପାରିବାରିକ କଳହ ପାଇଁ ସମ୍ପୃକ୍ତ ଯୁବକ ଜଣକ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ସାଧାରଣରେ ସନ୍ଦେହ କରାଯାଉଛି। ଯୁବକଙ୍କ ମୃତ୍ୟୁରେ ଏକ ଶୋକାକୂଳ ପରିସ୍ଥିତି ସୃଷ୍ଟି ହୋଇଥିଲା ବେଳେ ତାଙ୍କ ଏକମାତ୍ର ପୁତ୍ର, କନ୍ୟା ଓ ବିଧବା ପତ୍ନୀ ମର୍ମାହତ ହୋଇଛନ୍ତି।

## ମହିଳା ଏସ୍ଏଚ୍ଜି ଜିଲ୍ଲାସ୍ତରୀୟ ତାଲିମ ଶିବିର

ଆଠଗଡ଼, ୧୮।୩(ସମିସ): ଆଠଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟକଟା ଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ୫ଦିନିଆ ଜିଲ୍ଲାସ୍ତରୀୟ ମୌଳିକ ଆଭିମୁଖ୍ୟ ତାଲିମ ଶିବିର ଆରମ୍ଭ ହୋଇଛି। ଏଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଆଞ୍ଚଳିକ ସଂଘର ଖାତାପତ୍ର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଦୀର୍ଘସ୍ଥାୟୀ ଜୀବନ ଜୀବିକା ଯୋଗାଇବାର କୌଶଳ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଜୀବନ ଜୀବିକାର ଜିଲ୍ଲା ପ୍ରକଳ୍ପ ଅଧିକାରୀ ସଞ୍ଜୟ ବାରିକ, ବ୍ଲକ ଜୀବନ ଜୀବିକା ସଂଯୋଜକ ଅକ୍ଷୟ ଭଟ୍ଟ, ତାଲିମଦାତା ରେଖା ଦାସ ଓ ମମତା ମଞ୍ଜରୀ ପାଲ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଏହି ଶିବିର ଆଗାମୀ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ତାଲିମ ଶିବିରରେ ବାଙ୍କୀ, ଡମପଡ଼ା, ସାଲେପୁର, ନିଶ୍ଚିନ୍ତକୋଇଲି, ଟାଙ୍ଗୀ, ମାହାଙ୍ଗା ଓ ଆଠଗଡ଼ ବ୍ଲକର ୬୦ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ତାଲିମ ନେଉଛନ୍ତି।

## ସ୍ୱାଗତିକା ବୃଦ୍ଧାଶ୍ରମର ବାର୍ଷିକୋତ୍ସବ

ଚୌଦ୍ୱାର, ୧୮।୩(ସମିସ): ସ୍ୱାଗତିକା ଫାଉଣ୍ଡେସନ୍ ଦ୍ୱାରା ପରିଚାଳିତ ଧୂମାବତୀ କଲୋନୀସ୍ଥିତ ସ୍ୱାଗତିକା ବୃଦ୍ଧାଶ୍ରମର ତୃତୀୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ-ଚୌଦ୍ୱାର ସତ୍ୟ ସନାତନ ଭାଗବତ ପ୍ରଚାର ସମିତି ଅଧ୍ୟକ୍ଷ ସିଦ୍ଧେଶ୍ୱର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ୧୮ଟି ଭାଗବତ ଟୁଙ୍ଗୀର ପ୍ରତିନିଧିମାନେ ଯୋଗଦେଇ ଭାଗବତ ଆଲୋଚନା ଓ ନାମ ସଂକୀର୍ତ୍ତନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଦେବେନ୍ଦ୍ର ପୃଷ୍ଟିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ସୁଲିପ୍ତ ମହାନ୍ତି, ପର୍ଶୁରାମ ରାଉତ, କେ.ସି. ପ୍ରତାପ ସିଂହ, ରଞ୍ଜନ ବିଶ୍ୱାଳ, ମଧୁସୂଦନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକାରୀ ସଭାପତି ହୃଷୀକେଶ ମହାନ୍ତିଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଶ୍ରମ ଅନ୍ତେବାସୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳକ ଜୟନ୍ତ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# ବୁଣାକାରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ତିଗିରିଆ, ୧୮।୩(ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ପଞ୍ଚାୟତ ଅଧୀନ ୧ ନମ୍ବର ତନ୍ତୁବାୟ ସହଯୋଗ ସମିତି ପରିସରରେ ବୁଧବାର ବୁଣାକାରଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସହିତ ବିକଶିତ ଓଡ଼ିଶା, ବିକଶିତ ହସ୍ତଶିଳ୍ପ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ସର୍ବୋଚ୍ଚ

### ୫ ବରିଷ୍ଠ ବୁଣାକାର ସମ୍ବର୍ଦ୍ଧିତ

ନ୍ୟାୟାଳୟର ପ୍ରାକ୍ତନ ବିଚାରପତି ଅନଙ୍ଗ କୁମାର ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସଞ୍ଜୟ ପଣ୍ଡା ସଭାପତିତ୍ୱ କରିବା ସହିତ ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କି ପ୍ରକାର ବସ୍ତ୍ର ଉତ୍ପାଦନ କରିବାକୁ ହେବ ଉପସ୍ଥିତ ଯୁବ ବୁଣାକାରଙ୍କୁ ସେ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଆଇଏଏସ ଜଗଦାନନ୍ଦ (ସିଓଆଇଏସଡି) ପ୍ରାକ୍ତନ ପୁଲିସ ଅଧିକାରୀ ପଦ୍ମନାଭ ପଣ୍ଡା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବି.ପଟ୍ଟନାୟକ, ଅବସରପ୍ରାପ୍ତ ପରିସଂଖ୍ୟାନ ଅଧିକାରୀ ବଂଶୀଧର ମହାପାତ୍ର, ଅବସରପ୍ରାପ୍ତ ରେଲୱେ ବୋର୍ଡ଼ ଅଧିକାରୀ ବିନାୟକ ସ୍ୱାଇଁ, ଅବସରପ୍ରାପ୍ତ ଭୌଗଳିକ ପ୍ରତ୍ନତତ୍ତ୍ୱ ବିଭାଗ ଅଧିକାରୀ ଶୁଭ୍ରାଂଶୁ ଦାଶ, ବୁଣାକାର ସେବା କେନ୍ଦ୍ର ଭୁବନେଶ୍ୱର, ଅଧିକାରୀ ବିକାଶ କୁମାର ଓ ବୁଣାକାର ସେବା କେନ୍ଦ୍ର ଭୁବନେଶ୍ୱରର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ସୁରେନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ବାନ୍ଧ କାରିଗର ତଥା ବୁଣାକାର ରାମ ଦାସ, ହରିହର କଟୁଆଳ, ଅଜୟ କଟୁଆଳ, ସୁରେନ୍ଦ୍ର ଦାସ ଓ ଶାନ୍ତିଲତା ଦାସଙ୍କୁ ଆୟୋଜକ ଅନୁଷ୍ଠାନ 'ଶ୍ରଦ୍ଧା' ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହେବା ପାଇଁ ମନୋନୀତ ନୂଆପାଟଣାର ବାନ୍ଧଶିଳ୍ପୀ କାରିଗର ଶରତ ପାତ୍ରଙ୍କୁ ଏହି ଅବସରରେ ସ୍ୱତନ୍ତ୍ର ଭାବେ ଏହି କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୋଟ ୧୨୦ଜଣ ବୁଣାକାରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ଉପାଦେୟ ପରାମର୍ଶ ପ୍ରଦାନ କରାଯାଇଥିଲା।



# ଭଲିବଲ୍ ପ୍ରତିଯୋଗିତା: ବାଲିଚନ୍ଦ୍ରପୁର ଚାମ୍ପିଅନ

ସାଲେପୁର, ୧୮।୩(ସମିସ)

ସାଲେପୁର ବ୍ଲକ ଅନ୍ତର୍ଗତ ସିଡ଼ୋ ପଞ୍ଚାୟତର ମା'ଜାଗୁଳାଇ କ୍ଲବ୍ ଆନୁକୂଲ୍ୟରେ କାଳିଦହି ପଡ଼ିଆଠାରେ ଏକ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମେ ୮ଟି ଟିମ୍ ମଧ୍ୟରୁ କ୍ୱାର୍ଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ସେଥିମଧ୍ୟରୁ ବିଜୟ ହୋଇଥିବା ୪ଟି ଟିମ୍ ମଧ୍ୟରେ ସେମି ଫାଇନାଲ ଓ ଶେଷରେ ଜଇପୁର ଟିମ୍ ଏବଂ କାମାଣ୍ଡୋ ଟିମ୍ ବାଲିଚନ୍ଦ୍ରପୁର ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳରେ ଜଇପୁର ଟିମ୍‌କୁ ହରାଇ କାମାଣ୍ଡୋ ଟିମ୍ ଚାମ୍ପିଅନ୍ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସମାଜସେବୀ ମୋହନଜିତ୍ ରାଉତରାୟ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଯୋଗେଶ୍ୱର ବିଶ୍ୱାଳ ଚାମ୍ପିଅନ୍ ଟିମ୍‌କୁ ନଗଦ ୩ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଟିମ୍‌କୁ ନଗଦ ୨ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗୌତମ ପ୍ରସାଦ ବିଶ୍ୱାଳ, ସରୋଜ ସେଠୀ, ଅଭିରାମ ମଲ୍ଲିକ, ରୁଦ୍ରପ୍ରସାଦ ନାୟକ, ଶଙ୍କର ସେଠୀ, ରାହୁଲ ନାୟକ, ବିଜୟ ବିଶ୍ୱାଳଙ୍କ ସମେତ ମା'ଜାଗୁଳାଇ କ୍ଲବ୍‌ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।





# ଦେବୀରଞ୍ଜନ, ସୌଭିକ୍‌ଙ୍କ ବାସଭବନ ଆଗରେ ବିକ୍ଷୋଭ

■ ବିଜେଡି ଯୁବ ଓ ଛାତ୍ର ନେତାଙ୍କ ପ୍ରତିବାଦ
■ ସତସାହସ ଥିଲେ ବିଜେଡିରୁ ଇସ୍ତଫା ଦେଇ ସାନି ନିର୍ବାଚନ ଲଢ଼ନ୍ତୁ

ଭୁବନେଶ୍ୱର, ୧୮।୩(ସମିସ): ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା ବିଜେଡି ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଏବଂ ସୌଭିକ୍ ବିଶ୍ୱାଳଙ୍କ ବାସଭବନ ସାମ୍ନାରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର କର୍ମକର୍ତ୍ତା ବିକ୍ଷୋଭ ପ୍ରକାଶ କରିଛନ୍ତି। ଉଭୟ ବିଧାୟକ ଦଳ ବିରୋଧରେ ଯାଇ ଯେପରି କ୍ରସ ଭୋଟିଂ କଲେ ତାହାକୁ କର୍ମୀମାନେ ଦୃଢ଼ ନିନ୍ଦା କରିଛନ୍ତି।

ବୁଧବାର ସକାଳେ ବିଜେଡିର ଉଭୟ ଛାମୁଆ ସଂଗଠନର ଶହ ଶହ କାର୍ଯ୍ୟକର୍ତ୍ତା ଉଭୟ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନବୀନଙ୍କ ସହ ବେଇମାନିକୁ ବରଦାସ୍ତ କରାଯିବ ନାହିଁ, ବେଇମାନି ନେତା ହାଏ ହାଏ, ଧୋକାବାଜ ନେତା ହାଏ ନାରାବାଜି କରି ବିଜେଡି କର୍ମୀ ଉଭୟ ବିଧାୟକଙ୍କ କାର୍ଯ୍ୟକଳାପକୁ ନିନ୍ଦା କରିଥିଲେ। ସତସହାସ ଥିଲେ ବିଧାୟକ ପଦରୁ ଇସ୍ତଫା ଦେଇ ପୁଣିଥରେ ନିର୍ବାଚନ ଲଢ଼ନ୍ତୁ ଦଳର କର୍ମୀ ଦାବି କରିଥିଲେ। ନିଜେ ପ୍ରତିକ୍ରିୟାରେ ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ କହିଥିଲେ ଯେ ଉଭୟ ବିଧାୟକ ବିଜେପି ପାଖରେ ବିକ୍ରି ହୋଇ ଯାଇଛନ୍ତି। ନବୀନ ବାବୁଙ୍କର ଆଶୀର୍ବାଦ କାରଣରୁ ଉଭୟ ବିଧାୟକ ଏତେ କମ ବୟସରେ ବିଧାୟକ ହେବାର ସୁଯୋଗ ପାଇଥିଲେ। ମାତ୍ର ଉଭୟେ ନବୀନ ବାବୁଙ୍କ ସହ ବିଶ୍ୱାସଘାତକତା କଲେ। ନବୀନ ବାବୁଙ୍କ ପାଇଁ ଦେବୀରଞ୍ଜନ ତ୍ରିପାଠୀ ପରିଚୟ ପାଇଛନ୍ତି। ଶ୍ରୀ ତ୍ରିପାଠୀଙ୍କୁ ଦୁଇଥର ଟିକଟ ଦେବା ସହ ଛାତ୍ର ବିଜେଡି ସଭାପତି ଏବଂ କାର୍ଯ୍ୟକାରୀ ସଭାପତି ଭାବେ ମଧ୍ୟ ଦାୟିତ୍ୱ ପ୍ରଦାନ କରିଥିଲେ। ତାଙ୍କ ସହ ରାତ୍ର ଭୋଜନ ଏବଂ ସକାଳେ



ଜଳଖିଆ ଖାଇଲ। ମାତ୍ର ଠିକ୍ ମତଦାନ ବେଳେ କିପରି ନବୀନ ବାବୁଙ୍କ ପଛପଟେ ଛୁରି ଭୁସି ପାରିଲ ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କରିଛନ୍ତି। ସେହିପରି ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ କହିଥିଲେ ଯେ ଯେଉଁମାନେ ଅସାଧୁ ମେଣ୍ଟ କଥା କହୁଛନ୍ତି, ସେମାନେ ୨୦୧୯ରେ କାହିଁକି ବିଜେଡି ଟିକଟରେ ନିର୍ବାଚନ ଲଢୁଥିଲ। ଆଜି ଯେତେବେଳେ ଚିଟଫଣ୍ଡରେ ଦଣ୍ଡ ପାଇବାର ବେଳ ଆସିଲା, ସେତେବେଳେ ତମେ ବିଜେପି ୱାସିଂ ମେସିନରେ ପଶି ନିଜକୁ ସଫା କରିଦେବ ବୋଲି ଭାବୁଛ। ଏକଥା ଲୋକେ ଗ୍ରହଣ କରୁନାହାନ୍ତି। ଯଦି ସତସାହସ ଅଛି, ତାହେଲେ ସଦସ୍ୟତା ପଦରୁ ଇସ୍ତଫା ଦେଇ ସାନି ନିର୍ବାଚନକୁ ଯାଅ ବୋଲି ଶ୍ରୀ ସାହୁ ଦାବି କରିଥିଲେ।

## ଜୟଦେବ ବିଧାୟକଙ୍କ କୁଶ ପୁତ୍ତଳିକା ଦାହ



ବାଲିପାଟଣା, ୧୮।୩ (ସମିସ) : ଓଡ଼ିଶା ରାଜ୍ୟସଭା ନିର୍ବାଚନକୁ କେନ୍ଦ୍ର କରି ଜୟଦେବ ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉତ୍ତେଜନା ଦେଖାଦେଇଛି। କ୍ରସ ଭୋଟିଂ କରି ଦଳ ଏବଂ ଭୋଟରଙ୍କ ପ୍ରତି ବିଶ୍ୱାସ ଘାତକତା କରିଥିବା ଅଭିଯୋଗରେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି ଦଳୀୟ କର୍ମୀ। ରାଜ୍ୟସଭା ନିର୍ବାଚନ ସମୟରେ ଦଳୀୟ ନିର୍ଦ୍ଦେଶକୁ ଅମାନ୍ୟ କରି ବିଧାୟକ କ୍ରସ ଭୋଟିଂ କରିଥିବା ଅଭିଯୋଗକୁ ନାପସନ୍ଦ କରି ଦୃଢ଼ ବିରୋଧ କରିଛନ୍ତି। ପୂର୍ବତନ ବ୍ଲକ ସଭାପତି ପ୍ରତାପ କେଶରୀ ନାୟକ, ପୂର୍ବତନ ଚେୟାରମେନ ତ୍ରିବିକ୍ରମ ଦାଶ, ପୂର୍ବତନ ସରପଞ୍ଚ ବିନେଡ ନାୟକ, ଯୁବନେତା ସଂଦିପ୍ତ ସେନାପତି, ସୋଲାର ମିଶ୍ରଙ୍କ ନେତୃତ୍ୱରେ ବାଲିପାଟଣା ଛକ ଠାରେ କୁଶ ପୁତ୍ତଳିକା ଦାହ ସହିତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କିଛି ନେତା ଏହାକୁ ଦଳ ମଧ୍ୟରେ ମତଭେଦର ପରିଣାମ ବୋଲି କହୁଥିବା ବେଳେ, ଅନ୍ୟମାନେ ଏହାକୁ ଗୁରୁତର ଶୃଙ୍ଖଳାଭଙ୍ଗ ଭାବେ ଦେଖୁଛନ୍ତି। ତେବେ, ଏହି ଅଭିଯୋଗ ସମ୍ପର୍କରେ ନବକିଶୋର ମଲ୍ଲିକଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିନାହିଁ। ଆଗାମୀ ଦିନରେ ଦଳ ନେତୃତ୍ୱ କଣ ପଦକ୍ଷେପ ନେବେ ସେଥିପାଇଁ ସମସ୍ତଙ୍କ ଦୃଷ୍ଟି ରହିଛି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଦଳୀୟ ନେତା ଶିବ ପ୍ରସାଦ ଦାସ, ମାନସ ପଣ୍ଡା, ଜାକିର ହୁସେନ, ସତ୍ୟପ୍ରିୟ ସେଠୀ, ଜଗନ୍ନାଥ ପଣ୍ଡା, ବ୍ରହ୍ମାନନ୍ଦ ପ୍ରଧାନ, ସତ୍ୟଜିତ୍ ରାୟ, ଶରତ ଲେଙ୍କା, ଅଲେଖ ପ୍ରଧାନ ପ୍ରମୁଖ ବହୁ ଦଳୀୟ ନେତା ଉପସ୍ଥିତ ଥିଲେ।




ଭୁବନେଶ୍ୱର, ୧୮।୩(ସମିସ): ପୁରୁଣା ଭୁବନେଶ୍ୱରର ପ୍ରତି କୋଣରେ ଲୋକଙ୍କ ସ୍ମୃତି ଜଡିତ। ଏବେବି ସେଠାକାର ମନ୍ଦିର ଓ ପୁଷ୍କରିଣୀ ବ୍ୟତିତ ଏପରି ଅନେକ ପାଚେରୀ, କୋଠା, ଘର ଆଉ ମଠ ରହିଛି ଯାହା ସେ ସମୟକୁ ମନେପକାଇ ଦେଉଥାଏ ସମୟ ଅନନ୍ତରାଳେ। ସାମାଜିକ ଗଣମାଧ୍ୟମରେ ସେହିପରି ଏକ ସ୍ଥାନର ଫଟୋ ପରିଲକ୍ଷିତ ହୋଇଥିଲା ଯାହା ବର୍ତ୍ତମାନ ଦେଖିବାକୁ ମିଳୁନାହିଁ। ଦୃଶ୍ୟଟି ପୁରୁଣା ଭୁବନେଶ୍ୱର ବଢେଇବାଙ୍କ ଛକରେ ପୂର୍ବରୁ ଦେଖିବାକୁ ମିଳୁଥିବା ଲିଙ୍ଗରାଜ ଲଜ୍‌ର ତଳ ପାର୍ଶ୍ୱର ଦୃଶ୍ୟ ବୋଲି ଜଣାପଡ଼ିଛି। ବଢେଇବାଙ୍କ ଛକ ସହ ମଧ୍ୟ ଅନେକ କଥା ଓ କାହାଣୀ ଜଡିତ। ଏହି ଛକର ନାମକରଣ ପଛରେ ଥିବା କାରଣରେ କୁହାଯାଏ, ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ସମୟରେ ବଢେଇମାନେ ଆସି ରଥ ତିଆରି କାର୍ଯ୍ୟ କରୁଥିଲେ। ସେମାନେ ନିକଟରେ ଥିବା ସେବାୟତଙ୍କ ଘରେ କିମ୍ବା ସେହି ଆଖପାଖରେ ଆଶ୍ରୟ ନେଇ ରଥ କାର୍ଯ୍ୟ ସରିଲା ଯାଏ ରହିଥାନ୍ତି। ତେଣୁ ଏହି ସ୍ଥାନକୁ ବେଢେଇବାଙ୍କ ଛକର ଆଖ୍ୟା ଦିଆଗଲା ବୋଲି ସେହି ଅଞ୍ଚଳର ଜଣେ ବାସିନ୍ଦା ନିଳମଣି ମିଶ୍ର କହିଛନ୍ତି। ହେଲେ ଫଟୋରେ ଥିବା ସେହି ପୁରୁଣା ଲିଙ୍ଗରାଜ ଲଜଟି ବର୍ତ୍ତମାନ କେବଳ ଫଟୋରେ ହିଁ ସାଇତା ସ୍ମୃତି ପାଲଟିଛି। ଫଟୋଟି ୨୦୦୯ ମସିହାର ବୋଲି କେହି କେହି ମତ ଦେଇଛନ୍ତି। ଏହି ଦୃଶ୍ୟରେ ଫୁଲ ବିକୁଥିବା ଜଣେ ମହିଳା ଏବଂ ଜଣେ ପାନ ବେପାରୀଙ୍କ ସହ ଅନ୍ୟଜଣେ ବୃଦ୍ଧା କଥା ହେଉଥିବାର ଦୃଶ୍ୟ ରହିଛି।

## ଅଧ୍ୟାପକ ବିଶ୍ୱରଂଜନ ପାଇବେ ‘ସାହିତ୍ୟ ଭାରତୀ ସମ୍ମାନ’



କଟକ,୧୮।୩(ସମିସ): ଚଳିତବର୍ଷ ଗଙ୍ଗାଧର ରଥ ଫାଉଣ୍ଡେସନ ଦ୍ୱାରା ମର୍ଯ୍ୟାଦାଜନକ ‘ସାହିତ୍ୟ ଭାରତୀ ସମ୍ମାନ’ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନଙ୍କୁ ପ୍ରଦାନ କରାଯିବ। ବୁଧବାର ଗଙ୍ଗାଧର ରଥ ଫାଉଣ୍ଡେସନ ପକ୍ଷରୁ ଏହାସହ ଅନ୍ୟାନ୍ୟ ସମ୍ମାନ ଓ ପୁରସ୍କାର ସଂପର୍କରେ ଘୋଷଣା କରାଯାଇଛି। ବିଶ୍ୱରଂଜନଙ୍କୁ ସାହିତ୍ୟ ଭାରତୀ ସମ୍ମାନ ସହିତ ଏକ ଲକ୍ଷ ଟଙ୍କାର ଉପାୟନ ଓ କୋଣାର୍କ ମନ୍ଦିରର ଏକ ରୌପ୍ୟ ପ୍ରତିରୂପ ପ୍ରଦାନ କରାଯିବ। ସେହିଭଳି ଫାଉଣ୍ଡେସନର ପ୍ରତିଷ୍ଠାତାଙ୍କ ନାମରେ ପ୍ରତିଷ୍ଠିତ ‘ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ’ ଏ ବର୍ଷ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଅମିୟ କୁମାର ପଟ୍ଟନାୟକଙ୍କୁ ପ୍ରଦାନ କରାଯିବ। କାବ୍ୟ ସାହିତ୍ୟରେ ବିଶେଷ ପରାକାଷ୍ଠା ପାଇଁ ବିଶିଷ୍ଟ କବି ଡକ୍ଟର ଇନ୍ଦିରା ଦାଶଙ୍କୁ ‘ଭାନୁଜୀ ରାଓ ସ୍ମାରକୀ ପୁରସ୍କାର’ ଏବଂ କଥାସାହିତ୍ୟରେ ବିଶେଷ କୃତିତ୍ୱ ପାଇଁ କଥାକାର ରବି ସ୍ୱାଇଁଙ୍କୁ ‘ବୀଣାପାଣି ମହାନ୍ତି ସାହିତ୍ୟ ପୁରସ୍କାର’ ସ୍ୱରୂପ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କା ଓ ରୌପ୍ୟ ଉପଢ୍ୌକନ ପ୍ରଦାନ କରାଯିବ। ଯୁବ ସାରସ୍ୱତ ପ୍ରତିଭା ସୁଶ୍ରୀ ସୁନନ୍ଦା ପ୍ରଧାନ ଏବଂ ଲକ୍ଷ୍ମଣ କୁମାରଙ୍କୁ ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ‘ସୁବ୍ରତ ରଥ ସ୍ମାରକୀ ପୁରସ୍କାର’ ସ୍ୱରୂପ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଓ ରୌପ୍ୟ ଉପଢୌକନ ପ୍ରଦାନ କରାଯିବ। ଆସନ୍ତା ଏପ୍ରିଲ ୫ ତାରିଖରେ କଟକସ୍ଥିତ କଳା ବିକାଶ କେନ୍ଦ୍ରଠାରେ ଆୟୋଜିତ ସାରସ୍ୱତ ସମାରୋହରେ ଏହି ଉତ୍ସବ ଅନୁଷ୍ଠିତ ହେବ। ଓଡ଼ିଶା ସରକାରଙ୍କ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ମୁଖ୍ୟଅତିଥି, ବିଶିଷ୍ଟ ଗବେଷକ ପ୍ରଫେସର ଅଭିରାମ ବିଶ୍ୱାଳ ଏହି ସଭାରେ ମୁଖ୍ୟବକ୍ତା ଭାବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଫାଉଣ୍ଡେସନ ଟ୍ରଷ୍ଟି ଡାକ୍ତର ଜୟନ୍ତ ରଥ ଏହି ସଭାରେ ପୌରୋହିତ୍ୟ କରିବେ।

## ୧୩୬ଜଣ ପୁଲିସ ଅଧିକାରୀ ଓ କର୍ମଚାରୀ ପାଇବେ ଡିଜିପି ଡିସ୍କ ପୁରସ୍କାର

କଟକ, ୧୮।୩(ସମିସ): ଓଡ଼ିଶା ପୁଲିସ ପକ୍ଷରୁ ଆସନ୍ତା ୯୧ତମ ପୁଲିସ ପ୍ରତିଷ୍ଠା ଦିବସ ଅବସରରେ ପ୍ରଦାନ କରାଯିବାକୁ ଥିବା ‘ଡିଜିପି ଡିସ୍କ’ ପୁରସ୍କାର ପାଇଁ ମନୋନୀତ ହୋଇଥିବା ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ନାମ ଘୋଷଣା କରାଯାଇଛି। କଟକସ୍ଥିତ ଓଡ଼ିଶା ପୁଲିସ ମୁଖ୍ୟାଳୟ ପକ୍ଷରୁ ଏହି ତାଲିକା ଜାରି କରାଯାଇଛି। ଚଳିତ ବର୍ଷ ମୋଟ ୧୩୬ଜଣଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଏହି ତାଲିକାରେ ସ୍ଥାନ ପାଇଥିବା ବରିଷ୍ଠ ପୁଲିସ ଅଧିକାରୀଙ୍କ ମଧ୍ୟରେ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଶାଇନି ଏସ, ଆଇଜି ହିମାଂଶୁ କୁମାର ଲାଲ, ଡକ୍ଟର ଦୀପକ କୁମାର, ଡକ୍ଟର ସାର୍ଥକ ଷଡ଼ଙ୍ଗୀ, ଡିଆଇଜି ଅଖିଳେଶ୍ୱର ସିଂ, ଡିସିପି ଜଗମୋହନ ମୀନା, ଏସପି ମୁକେଶ କୁମାର ଭାମୁ, ଡକ୍ଟର ସାରଭାନା ବିବେକ ଏମ, ରାହୁଲ ଜୈନ, ଖିଲାରୀ ରିସିକେଶ ଦ୍ୟାନଦେଓ ପ୍ରମୁଖ ରହିଛନ୍ତି। ୨୦୨୫-୨୬ ବର୍ଷ ପାଇଁ ଏହି ସମ୍ମାନଜନକ ପୁରସ୍କାର ଆସନ୍ତା ଏପ୍ରିଲ ୧ରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ପୁଲିସ ପ୍ରତିଷ୍ଠା ଦିବସ ସମାରୋହରେ ପ୍ରଦାନ କରାଯିବ।

## ଏସ୍‌ସିବି ଅଗ୍ନିକାଣ୍ଡ: ‘ଲୁଚିଛି ନା ଗୋଡ଼ ଦୁଇଟା ଦିଶୁଛି’

### ନିମ୍ନସ୍ତରରେ କାର୍ଯ୍ୟାନୁଷ୍ଠାନ, ପ୍ରଶ୍ନ ଘେରରେ ପ୍ରଶାସନ

■ ଅଧିକାରୀଙ୍କୁ ବଳି ପକାଇ ମୁଖ୍ୟ ପଦାଧିକାରୀଙ୍କୁ ସୁରକ୍ଷା
■ ବିନା ଏନ୍‌ଓସିରେ କିପରି ଚାଲୁଥିଲା ହସ୍ପିଟାଲ ?
■ ସରକାର ପ୍ରକୃତ ଦୋଷୀଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି !

କଟକ, ୧୮।୩(ସମିସ): ରାଜ୍ୟର ସର୍ବବୃହତ ସରକାରୀ ଚିକିତ୍ସା କେନ୍ଦ୍ର କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ ଏବେ ସରକାରୀ ଅପାରଗତା ଓ ପ୍ରଶାସନିକ ଅବହେଳାର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛି। ଟ୍ରମା ଆଇସିୟୁରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ୧୩ରୁ ଅଧିକ ନିରୀହ ଜୀବନ ଯିବା ପରେ ସରକାରୀସ୍ତରରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ ନେଇ ଏବେ ସାରା ରାଜ୍ୟରେ ଚାପା ଅସନ୍ତୋଷ ପ୍ରକାଶ ପାଇଛି। ୩ ଜଣ ଅଗ୍ନିଶମ ଅଧିକାରୀଙ୍କୁ ନିଲମ୍ବିତ କରି ପ୍ରଶାସନ ନିଜ ଦାୟିତ୍ୱ ସାରିଦେଇଥିବା ବେଳେ, ବୁଦ୍ଧିଜୀବୀ ଓ ସାଧାରଣ ଜନତା ଏହାକୁ ‘ଲୁଚିଛି ନା ଗୋଡ଼ ଦୁଇଟା ଦିଶୁଛି’ ବୋଲି ପ୍ରଶ୍ନ ଉଠାଇବା ସହ ପ୍ରକୃତ ଦୋଷୀଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି କରିଛନ୍ତି।

ଆଇନର ଆଖିରେ ଧୂଳି ଦେଇ ବର୍ଷ ବର୍ଷ ଧରି ବିନା ‘ଏନଓସି’ ବା ଅଗ୍ନି ନିରାପତ୍ତା ପ୍ରମାଣପତ୍ରରେ ଚାଲୁଥିବା ଏହି ବଡ ମେଡିକାଲ ପାଇଁ କାହିଁକି ଉଚ୍ଚପଦସ୍ଥ ଅଧିକାରୀଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ ହେଉନାହିଁ, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନବାଚୀ। ଓଡ଼ିଶା ଅଗ୍ନି ନିରାପତ୍ତା ନିୟମ ଏବଂ ନ୍ୟାସନାଲ ବିଲ୍ଡିଂ କୋଡ୍ ଅନୁଯାୟୀ, ହସ୍ପିଟାଲ ଭଳି ଅନୁଷ୍ଠାନ ‘ହାଇ ରିସ୍କ ଅକ୍ୟୁପେନ୍ସି’ ବର୍ଗରେ ଆସନ୍ତି, ଯେଉଁଠି ପ୍ରତ୍ୟେକ ଭବନ ପାଇଁ କଡ଼ାକଡ଼ି ସୁରକ୍ଷା ଯାଞ୍ଚ ପରେ ଏନଓସି ପାଇବା ବାଧ୍ୟତାମୂଳକ। ଆଇନ ଅନୁସାରେ, ସଂସ୍ଥାର ମୁଖ୍ୟ ବା ‘ଅକ୍ୟୁପାୟର’ଙ୍କର ଏହା ମୌଳିକ ଦାୟିତ୍ୱ ଯେ ସେ ସମସ୍ତ ସୁରକ୍ଷା ନିୟମ ପାଳନ କରି ଏନଓସି ପାଇଁ ଆବେଦନ କରିବେ। ମାତ୍ର ଏସସିବି ଭଳି ଏକ ସମ୍ବେଦନଶୀଳ ସ୍ଥାନରେ ବର୍ଷ ବର୍ଷ ଧରି ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିଲା। ବିନା ଅନୁମତିରେ ହସ୍ପିଟାଲ ଚାଲୁ ରଖିବା କେବଳ ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ଏକ ସାଂଘାତିକ ଅପରାଧ। ଯେଉଁ ଉଚ୍ଚପଦସ୍ଥ ପ୍ରଶାସକମାନେ ଏହି ବିପଦପୂର୍ଣ୍ଣ ଅବହେଳାକୁ ଜାଣିଶୁଣି ଅଣଦେଖା କରୁଥିଲେ, ସେମାନଙ୍କ ବିରୋଧରେ କୌଣସି ପଦକ୍ଷେପ ନିଆନଯିବା ସୂଚାଉଛି ଯେ ସରକାର ପ୍ରକୃତ ଦୋଷୀଙ୍କୁ ଘଣ୍ଟ ଘୋଡାଉଛନ୍ତି।

ଏସସିବି ପରିସରରେ ପୂର୍ବରୁ ଅନେକ ଥର ସର୍ଟସର୍କିଟ୍ ଓ ଛୋଟବଡ଼ ଅଗ୍ନିକାଣ୍ଡ ଘଟିଥିଲେ ହେଁ ସ୍ୱାସ୍ଥ୍ୟ ବିଭାଗ ଓ ମେଡିକାଲ ପ୍ରଶାସନ ଏଥିରୁ କୌଣସି ଶିକ୍ଷା ନ ଲାଭ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଅଘଟଣ ସମୟରେ ଅତ୍ୟାଧୁନିକ ୱାର୍ଡ ଭିତରେ ଥିବା ସ୍ପ୍ରିଙ୍କଲର ଏବଂ ଧୂଆଁ ଚିହ୍ନଟକାରୀ ଯନ୍ତ୍ର କାମ ନ କରିବା ପ୍ରଶାସନିକ ଦୃଷ୍ଟିଭଙ୍ଗୀର ଚରମ ଅଧୋଗତିକୁ ପ୍ରମାଣିତ କରୁଛି। ନିୟମିତ ବ୍ୟବଧାନରେ ମକ୍ ଡ୍ରିଲ୍ କିମ୍ବା ବୈଦ୍ୟୁତିକ ଭିତ୍ତିଭୂମିର ଯାଞ୍ଚ ନ ହେବା କାରଣରୁ ଏଭଳି ଭୟଙ୍କର ସ୍ଥିତି ଉପୁଜିଛି। କେବଳ ଛୋଟ ଅଧିକାରୀଙ୍କୁ ବଳି ପକାଇ ନିଜର ପାପ ଲୁଚାଇବା ପରିବର୍ତ୍ତେ ସରକାର ଏବେ ମେଡିକାଲ ଅଧୀକ୍ଷକ କିମ୍ବା ବିଭାଗୀୟ ମୁଖ୍ୟଙ୍କ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା ଉଚିତ। ସାଧାରଣ ଜନତା ଓ ବିରୋଧୀ ଦଳ ଏବେ ଏହି ଘଟଣାରେ ମାନ୍ୟବର ହାଇକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ନିରପେକ୍ଷ ନ୍ୟାୟିକ ତଦନ୍ତ ଦାବି କରିଛନ୍ତି। ଯଦି ଜୀବନ ରକ୍ଷାକାରୀ ସଂସ୍ଥା ନିଜେ ‘ମରଣଯନ୍ତା’ ପାଲଟିଯାଏ, ତେବେ ଜନସାଧାରଣ କାହା ଉପରେ ଭରସା କରିବେ ବୋଲି ଏବେ ସବୁଠି ପ୍ରଶ୍ନ ଉଠୁଛି।

## ଓୟୁଟିଆରରେ ‘ଏକ୍ସଟେସି’ ଉଦ୍‌ଘାଟିତ



ଭୁବନେଶ୍ୱର, ୧୮।୩(ସମିସ): ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ରେ ସାଂସ୍କୃତିକ ମହୋତ୍ସବ ‘ଏକ୍ସଟେସି-୨୦୨୬’ ଆରମ୍ଭ ହୋଇଛି। ତିନି ଦିନ ଧରି ହେବାକୁ ଥିବା ଏହି ଉତ୍ସବରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାମିଲ ହୋଇ ନିଜ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ ସୋନାଲି ମହାପାତ୍ର ଅତିଥି ଭାବେ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତି ଡ. ବିଭୂତି ଭୂଷଣ ବିଶ୍ୱାଳ ସୃଜନଶୀଳତା ଓ ସଂସ୍କୃତି ପ୍ରତି ଆଗ୍ରହୀ ହେବାକୁ ପ୍ରେରିତ କରିଥିଲେ। ବିଶ୍ୱବିଦ୍ୟାଳୟର ସାଂସ୍କୃତିକ ଉପାଧ୍ୟକ୍ଷ ଡ. ଅଶ୍ୱିନୀ କୁମାର ଦାଶ ଏବଂ ଜିବିତେଶ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ସାଂସ୍କୃତିକ ମ୍ୟାଗାଜିନ ‘ଲେଟରମ୍ୟାନ୍’ ମଧ୍ୟ ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଏକକ ଓ ଦଳୀୟ ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା, ପ୍ରଶ୍ନୋତ୍ତର, କବିତା ପାଠ ଏବଂ ସୃଜନାତ୍ମକ ଲେଖନୀ ପରି ବିଭିନ୍ନ ପ୍ରତିଯୋଗିତା ହୋଇଛି।

## ୨୬ ବର୍ଷ ପରେ ୭୨ ବର୍ଷୀୟ ବୃଦ୍ଧଙ୍କୁ ମିଳିଲା ନ୍ୟାୟ

■ ହାଇକୋର୍ଟଙ୍କ ଐତିହାସିକ ନିର୍ଦ୍ଦେଶ
■ ସୁଧ ସହ ୪ ଲକ୍ଷ କ୍ଷତିପୂରଣ ଦେବ ଓରିଏଣ୍ଟ ପେପର ମିଲ୍ସ

କଟକ, ୧୮।୩(ସମିସ): କୁହାଯାଏ ‘ନ୍ୟାୟ ମିଳିବାରେ ବିଳମ୍ବ ହେଲେ ତାହା ଅନ୍ୟାୟ ସହ ସମାନ’, କିନ୍ତୁ ୭୨ ବର୍ଷୀୟ ଅଭିମନ୍ୟୁ ବେହେରାଙ୍କ ପାଇଁ ନୂତନ ଜୀବନ ସଦୃଶ ହୋଇଛି। ଜଣେ ସାଧାରଣ ୱାଚମ୍ୟାନରୁ ଶଯ୍ୟାଶାୟୀ ବୃଦ୍ଧ ପାଲଟିଥିବା ଅଭିମନ୍ୟୁଙ୍କ ୨୬ ବର୍ଷର ଦୀର୍ଘ ନ୍ୟାୟିକ ଲଢ଼େଇରେ ଶେଷରେ ପୂର୍ଣ୍ଣଛେଦ ପଡ଼ିଛି। ଓଡ଼ିଶା ହାଇକୋର୍ଟ ଓରିଏଣ୍ଟ ପେପର ମିଲ୍ସର ଆବେଦନକୁ ଖାରଜ କରିବା ସହ ବୃଦ୍ଧ ଶ୍ରମିକଙ୍କ ସପକ୍ଷରେ ବଡ଼ ରାୟ ଶୁଣାଇଛନ୍ତି।

୧୯୯୯ ମସିହାରେ, ଯେତେବେଳେ ଭୁବନେଶ୍ୱରସ୍ଥିତ ଓରିଏଣ୍ଟ କାର୍ଯ୍ୟାଳୟରେ ୱାଚମ୍ୟାନ ଭାବେ କାର୍ଯ୍ୟ କରୁଥିବା ଅଭିମନ୍ୟୁଙ୍କୁ ବିନା କୌଣସି କାରଣରେ ଚାକିରିରୁ ଅନ୍ତର କରାଯାଇଥିଲା। ସେହିଦିନଠାରୁ ନିଜର ହକ୍ ପାଇଁ ସେ କେବେ ଶ୍ରମ ଅଦାଲତ ତ କେବେ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ୨୦୧୮ ରେ ଶ୍ରମ ଅଦାଲତ ତାଙ୍କ ସପକ୍ଷରେ ରାୟ ଦେଇଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟକୁ ଯାଇଥିଲେ। ଯେଉଁ ବୟସରେ ସେ ସମ୍ମାନର ସହ ବିଶ୍ରାମ ନେବା କଥା, ସେହି ବୟସରେ ସେ କୋର୍ଟ କଚେରିର ଚକ୍କର କାଟୁଥିଲେ। ପରବର୍ତ୍ତୀ ସମୟରେ ଅଭିମନ୍ୟୁ ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ। ଜଷ୍ଟିସ କେ.ଆର. ମହାପାତ୍ର ଏବଂ ଜଷ୍ଟିସ ସଞ୍ଜୟ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ବୃଦ୍ଧଙ୍କ ଅବସ୍ଥାକୁ ଅନୁଭବ କରି କମ୍ପାନୀକୁ କଠୋର ନିର୍ଦ୍ଦେଶ ଦେଇଛନ୍ତି। ୪ ଲକ୍ଷ ଟଙ୍କାର କ୍ଷତିପୂରଣ ସହିତ ବାର୍ଷିକ ୬ ପ୍ରତିଶତ ସୁଧ ହାରରେ ସମସ୍ତ ବକେୟା ଅର୍ଥ ଆସନ୍ତା ଏକ ମାସ ମଧ୍ୟରେ ପ୍ରଦାନ କରିବାକୁ କୋର୍ଟ କହିଛନ୍ତି।

## ଜୟଦେବ ସମାରୋହର ତୃତୀୟ ସନ୍ଧ୍ୟା

ଭୁବନେଶ୍ୱର, ୧୮।୩(ସମିସ): ସଂସ୍କୃତି ବିଭାଗ ଆନୁକୂଲ୍ୟ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ୬୦ତମ ବାର୍ଷିକ ଉତ୍ସବ ଜୟଦେବ ସମାରୋହ ସ୍ଥାନୀୟ ଉତ୍କଳ ମଣ୍ଡପରେଠାରେ ଅନୁଷ୍ଠିତ ହୋଇଛି। ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ଡ. ସ୍ମିତା ମହାନ୍ତି ଏହି ଉତ୍ସବକୁ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟଗୁରୁ ଓ ଶିଳ୍ପୀ ପଦ୍ମଶ୍ରୀ ଦୁର୍ଗାଚରଣ ରଣବୀର, ମର୍ଦ୍ଦଳ ବାଦକ ସଚ୍ଚିଦାନନ୍ଦ ଦାସ, ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ଗୁରୁ ଡ. ଚିତ୍ତରଞ୍ଜନ ପାଣି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବକୁ ପୌରୋହିତ୍ୟ କରିଥିଲେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା। ତୃତୀୟ ସନ୍ଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁ ଚନ୍ଦନ ଜେନା ଓ ଗୁରୁ ଧୃତିମୟ ବେହେରାଙ୍କ ନିର୍ଦ୍ଦେଶନାରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବୃନ୍ଦ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପରିବେଷଣ କରିଥିଲେ। ଗୁରୁ ଡ. ନିମାକାନ୍ତ ରାଉରାୟ ଧନ୍ୟବାଦ ଦେଇଥିଲେ।

## ‘ଡାକ୍ତରାଣୀ ଜାମିନି ସେନ୍’ ପୁସ୍ତକ ସଂକ୍ରାନ୍ତରେ ଆଲୋଚନା

ଭୁବନେଶ୍ୱର, ୧୮।୩(ସମିସ): ପ୍ରଭା ଖୈତାନ ଫାଉଣ୍ଡେସନ୍ ପକ୍ଷରୁ ଆଇନଜୀବୀ ଏବଂ ଲେଖିକା ଦୀପ୍ତା ରାୟ ଚକ୍ରବର୍ତ୍ତୀଙ୍କୁ ନେଇ ଦି ରାଇଟ୍ ସର୍କଲର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମତୀ ଚକ୍ରବର୍ତ୍ତୀଙ୍କ ‘ଡାକ୍ତରାଣୀ ଜାମିନି ସେନ୍’ଙ୍କ ପୁସ୍ତକ ଉପରେ ଆଲୋଚନା କରାଯାଇଥିଲା। ଭିଭାନ୍ତା ଭୁବନେଶ୍ୱରର ମହାପ୍ରବନ୍ଧକ ବରୁଣ ଶାଙ୍ଗଲୁ, ନିଧି ଗର୍ଗ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଦୀପ୍ତ କୁମାର ତ୍ରିପାଠୀ ଲେଖିକାଙ୍କୁ ସମ୍ମାନିତ କରିଥିଲେ। ଭେଦୁଲା ରାମଲକ୍ଷ୍ମୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦିନକ ପରେ ପଖାଳ ଦିବସ

# ଏଥର ପଖାଳ ସାଙ୍ଗରେ ଆମିଷ ମାଡ଼

ଭୁବନେଶ୍ୱର, ୧୮।୩(ସମିସ): ଦିନକ ପରେ ପଖାଳ ଦିବସ। ଏଥିପାଇଁ ରାଜଧାନୀର ବିଭିନ୍ନ ଛୋଟବଡ଼ ହୋଟେଲରେ ହୋଇଛି ସ୍ୱତନ୍ତ୍ର ପ୍ରସ୍ତୁତି। ସହରର ଚାକଚକ୍ୟ ମାଧୁର୍ଯ୍ୟ ଭରା ପରିବେଶରେ ମଧ୍ୟ ସେକାଳ ପଖାଳର ଏବେବି ଚାହିଦା ରହିଛି। ଗତ କିଛି ବର୍ଷ ହେଲା ସହରରେ ପଖାଳକୁ ନେଇ ଏକ ଭିନ୍ନ ପରମ୍ପରା ଦେଖାଯାଇଛି। ଓଡ଼ିଆ ଘରର ଏହି ପଖାଳର ମହତ୍ୱକୁ ବଜାୟ ରଖିବାକୁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ ସାର୍ବଜନୀନ ପଖାଳ ଦିବସ ଭାବେ ପାଳନ କରାଯାଉଛି। ଏହାକୁ ନେଇ ରାଜଧାନୀବାସୀଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଯାଇଛି। ବିଭିନ୍ନ ହୋଟେଲ ଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ, ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ସଂଗଠନ ଗୁଡ଼ିକ ମଧ୍ୟ ପଖାଳ ଦିବସକୁ ଧୁମଧାମରେ ପାଳନ କରିବାକୁ ଯୋଜନା ହେଉଥିବା ବେଳେ ଏଣିକି ଘରେ ଘରେ ମଧ୍ୟ ପଖାଳ ଦିବସ ପାଳନ କରୁଛନ୍ତି ସହରବାସୀ। କେତେକ ସ୍ଥାନରେ ୨ଦିନ ପୂର୍ବରୁ ମଧ୍ୟ ପଖାଳ ଦିବସ ପାଳନ ହୋଇଥିବା ଦେଖିବାକୁ ମିଳିଛି। ତେବେ ସାମାଜିକ ଗଣମାଧ୍ୟମରେ ଆରମ୍ଭ ହୋଇଛି ପଖାଳ ଦିବସ ପାଳନ। ବିଭିନ୍ନ କର୍ପୋରେଟ ସଂସ୍ଥା ଠାରୁ ଆରମ୍ଭ କରି ଯୁବପିଢ଼ିମାନେ ପଖାଳ ଦିବସ ପାଳନ କରି ସୋସିଆଲ ମିଡ଼ିଆରେ ଫଟୋ ଅପଲୋଡ଼ କରିବା ଆରମ୍ଭ କଲେଣି।

ପୂର୍ବରୁ ଚାଷୀମାନଙ୍କ ପାଇଁ ପଖାଳ ନିତିଦିନିଆ ଖାଦ୍ୟ ହୋଇଥିବା ବେଳେ ସହରାଞ୍ଚଳର ଲୋକେ ଏବେ ପଖାଳ ପ୍ରତି ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। କେବଳ ପଖାଳ ଦିବସ ନୁହେଁ ବରଂ ତାପମାତ୍ରା ବଢ଼ିବା ସହ ପଖାଳର ଚାହିଦା ମଧ୍ୟ ବଢୁଛି। ପଖାଳ ଦିବସ କେବଳ ଓଡ଼ିଶାରେ ନୁହେଁ ଓଡ଼ିଶା ବାହାରେ ମଧ୍ୟ ପାଳନ କରାଯାଉଛି। ଏଥିପାଇଁ ରାଜଧାନୀର ବିଭିନ୍ନ ଛୋଟ ବଡ଼ ହୋଟେଲ୍‌ରେ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ତେବେ ଚଳିତବର୍ଷ



ଗ୍ରାକହଙ୍କ ପାଇଁ ବିଭିନ୍ନ ପ୍ରକାର ବ୍ୟଞ୍ଜନ ରହିଥିବା ଜଣାପଡ଼ିଛି। ଏନେଇ ରାଜମହଲର ଏକ ହୋଟେଲ ମାଲିକ ହକିଛନ୍ତି, ଯଦିଓ ମାର୍ଚ୍ଚ ମାସ ଆରମ୍ଭରୁ ପଖାଳର ଚାହିଦା ବଢ଼ିଥାଏ। ପ୍ରତିଦିନ ୩ଶହରୁ ଉର୍ଦ୍ଧ୍ୱ ଲୋକ କେବଳ ପଖାଳ ଖାଇବାକୁ ଆସିଥାନ୍ତି। ହେଲେ ମାର୍ଚ୍ଚ ୨୦ ଅର୍ଥାତ୍ ପଖାଳ ଦିବସରେ ଅଧିକ ଭିଡ଼ ହୋଇଥାଏ। ସେଦିନ ପ୍ରାୟ ଶତ ପ୍ରତିଶତ ଗ୍ରାହକ ଏହି ଦିବସକୁ ପାଳନ କରିବାକୁ ପଖାଳ ଖାଇଥାନ୍ତି। ଚଳିତ ବର୍ଷ ଶୁକ୍ରବାର ଆମିଷ ବାର ପଡୁଥିବାରୁ ଆମିଷ ଥାଳିର ଚାହିଦା ରହିବ। ସାଧା ପଖାଳ, ଦହି ପଖାଳ, ଛୁଙ୍କ ପଖାଳ ସାଙ୍ଗକୁ ଚୁନା ମାଛ, ଚୁନାମାଛ ପତ୍ରପୋଡ଼ା, ଚିଙ୍ଗୁଡ଼ି ଛେଚା, ତାୱା ମାଛ, ମାଛ ଫ୍ରାଏ, ରୋହି ମାଛ ଭଜା, ଚିକେନ୍ କସା, ମଟନ୍ କସା, ଓ ଶୁଖୁଆ ଆଦି ରହିଛି। ସେହିପରି ଭେଜ୍ ଆଇଟମ୍‌ରେ ବାଇଗଣ ପୋଡ଼ା, ଟମାଟୋ ପୋଡ଼ା, ଆଳୁ ଭର୍ତ୍ତା, ବଡ଼ିଚୁରା, ମଞ୍ଜା ବରା, ପଣସ ବରା, ନଡ଼ିଆ ବରା, କଖାରୁ ଫୁଲ ପିଠା, ଆଳୁ ପୋସ୍ତ ବରା, ପୋଇପତ୍ର ବରା, ଶାଗଭଜା, କଲରା ବେସର, ଛତୁ ପତ୍ରପୋଡ଼ା, ଧଣିଆ ଚଟଣୀ, ଆଦି ରହିଛି। ଆମିଷ ପଖାଳ କଂସାର ଦାମ୍ ୧୨୦ ଟଙ୍କା ରହିଥିବା ବେଳେ ସ୍ୱତନ୍ତ୍ର ପଖାଳ କଂସାର ଦାମ୍ ୨୫୦ ଟଙ୍କା ରହିଥିବା ହୋଟେଲ ମାଲିକ ଶ୍ରୀ ଜେନା କହିଛନ୍ତି। ସେହିପରି ମେଫେୟାର, ସ୍ୱସ୍ତି ଭଳି ଷ୍ଟାର ହୋଟେଲରେ ମଧ୍ୟ ପଖାଳ ଦିବସ ପାଇଁ ସ୍ୱତନ୍ତ୍ର ଆୟୋଜନ ହୋଇଥିବା ଜଣାପଡ଼ିଛି। ସାମ୍ବାଦିକ ଭବନ ନିକଟରେ ରହିଥିବା ହୋଟେଲ ପେଟପୂଜା, ଓଡ଼ିଶା ହୋଟେଲ, ବାପୁଜୀନଗରସ୍ଥିତ ମା’ ସନ୍ତୋଷୀ ହୋଟେଲ, ସମେତ ସହରର ବିଭିନ୍ନ ଛୋଟବଡ଼ ହୋଟେଲରେ ପଖାଳ ଦିବସ ଉପଲକ୍ଷେ ସ୍ୱତନ୍ତ୍ର ମେନୁ ରହିଛି। ତେବେ କେବଳ ପଖାଳ ଦିବସ ନୁହେଁ ବରଂ ଖରାଦିନ ଆରମ୍ଭରୁ ସବୁଦିନେ ସହରବାସୀ ପଖାଳ ଖାଇଥାନ୍ତି। ଦୀର୍ଘ ୧୦ବର୍ଷ ହେବ ଖରାଦିନେ ସହରରେ ପଖାଳ ଚାହିଦା ବଢ଼ିବା ସହ ପ୍ରତିଦିନ ପଖାଳ ଖାଇବାକୁ ଯୁବପିଢ଼ିଙ୍କ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି। ସହରର ମଧ୍ୟମ ଧରଣର ହୋଟେଲ୍‌ରେ ପଖାଳ କଂସାର ମୂଲ୍ୟ ୬୦ଟଙ୍କାରୁ ଆରମ୍ଭ ହୋଇ ଷ୍ଟାର୍ ହୋଟେଲଗୁଡିକରେ ୫୦୦ରୁ ୧ହଜାର ଟଙ୍କା ରହିଛି।

